# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

ପତ୍ର ସଂଖ୍ୟା ୮୨୩୫ ତା ୨୩-୦୨-୨୦୨୩ ରିଖ

ପ୍ରାପେଷୁ,

ପୌର ପ୍ରଶାସନ ନିର୍ଦ୍ଦେଶକ ଏବଂ ପଦପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ,
ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା, ଭୁବନେଶ୍ୱର ।

ବିଷୟ:- ଭୁବନେଶ୍ୱର ମହାନଗର ନିଗମର ତା୨୦.୦୨.୨୦୨୩ ରିଖ କର୍ପୋରେସନ ସାଧାରଣ ବୈଠକ ବିବରଣୀ ପ୍ରେରଣ ସମ୍ବନ୍ଧରେ ।

ମହାଶୟା/ମହାଶୟ,

ଭୁବନେଶ୍ୱର ମହାନଗର ନିଗମର ତା୨୦.୦୨.୨୦୨୩ ରିଖରେ ଅନୁଷ୍ଠିତ ହୋଇଥିବା କର୍ପୋରେସନ ସାଧାରଣ ବୈଠକ ବିବରଣୀ ଆପଣଙ୍କ ଅବଗତି ନିମନ୍ତେ ଏଥି ସହିତ ପ୍ରେରଣ କରାଗଲା ।

[signature] ୨୩.୦୨.୨୦୨୩

ସଚିବ
ଭୁବନେଶ୍ୱର ମହାନଗର ନିଗମ

ସଂଲଗ୍ନକ- ଉପରବର୍ଣ୍ଣିତ ମତେ,

ଜ୍ଞାପକ ସଂଖ୍ୟା- ୮୨୩୬/ତା ୨୩-୦୨-୨୦୨୩ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମର ମେୟର/ ଡେ଼ପୁଟି ମେୟର/ ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

[signature] ୨୩.୦୨.୨୦୨୩

ସଚିବ
ଭୁବନେଶ୍ୱର ମହାନଗର ନିଗମ

ଜ୍ଞାପକ ସଂଖ୍ୟା- ୮୨୩୭/ତା ୨୩-୦୨-୨୦୨୩ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମ ମେୟରଙ୍କ ବାସ ଭବନସ୍ଥ କାର୍ଯ୍ୟାଳୟକୁ ରେକର୍ଡ଼ ନିମନ୍ତେ ପ୍ରେରଣ କରାଗଲା ।

[signature] ୨୩.୦୨.୨୦୨୩

ସଚିବ
ଭୁବନେଶ୍ୱର ମହାନଗର ନିଗମ

ଜ୍ଞାପକ ସଂଖ୍ୟା- ୮୨୩୮/ତା ୨୩-୦୨-୨୦୨୩ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ କାର୍ଯ୍ୟାଳୟ ବିଜ୍ଞାପନ ଫଳକ/ ଅଭିଯୋଗ ପ୍ରକୋଷ୍ଠ/ ମ୍ୟୁନିସିପାଲ୍ କମିଶନର/ ଅତିରିକ୍ତ କମିଶନର/ ନଗର ଯନ୍ତ୍ରୀ/ ସଚିବ/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୧/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୨/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୩/ ନିର୍ବାହୀ ଯନ୍ତ୍ରୀ (ଡ୍ରେନେଜ୍)/ ନିର୍ବାହୀ ଯନ୍ତ୍ରୀ(ବିଦ୍ୟୁତ୍ ଓ ପରିମଳ)/ ନଗର ସ୍ୱାସ୍ଥ୍ୟ ଅଧିକାରୀ/ ପୌର ମୁଖ୍ୟ ଚିକିତ୍ସାଧିକାରୀ/ ବିତ ଅଧିକାରୀ/ ନଗର ଯୋଜନାକାରୀ/ ଡ଼ି.ସି. (ପରିମଳ)/ ଡ଼ି.ସି. (ଜନମଙ୍ଗଳ)/ ଡି.ସି. (ହାଉସିଂ)/ ଡ଼ି.ସି. (ମାର୍କେଟ୍ ଓ ଲ୍ୟାଣ୍ଡ)/ ଡ଼ି.ସି. (ରାଜସ୍ୱ)/ ଡ଼ି.ସି. (ଆଇ.ଟି)/ ଡ଼ି.ସି. (ପ୍ରତିଷ୍ଠାନ)/ ଡ଼ି.ସି (ଲିଗାଲ୍)/ ଜୋନାଲ୍ ଡେ଼ପୁଟି କମିଶନର (ଉତର/ ଦକ୍ଷିଣ-ପୂର୍ବ/ଦକ୍ଷିଣ-ପଶ୍ଚିମ)/ମୁଖ୍ୟ ସମୀକ୍ଷକ/ ପରିବେଶ ଅଧିକାରୀ/ ମୁଖ୍ୟ ସହାୟକ ସମୂହ/ ହିସାବ ରକ୍ଷକ, ଭୁବନେଶ୍ୱର ମହାନଗର ନିଗମଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

[signature] ୨୩.୦୨.୨୦୨୩

ସଚିବ
ଭୁବନେଶ୍ୱର ମହାନଗର ନିଗମ

# ଭୁବନେଶ୍ୱର ମହାନଗର ନିଗମ

## ସାଧାରଣ ବୈଠକ ବିବରଣୀ

ତା.୨୦.୦୨.୨୦୨୩ ରିଖ ✸ ସମୟ: ପୂର୍ବାହ୍ନ ଘ.୧୧.୦୦ ଟିକା ✸ ସ୍ଥାନ :BMC-ICOMC ସଭାକକ୍ଷ "ଏକାମ୍ର"

<u>ଉପସ୍ଥିତ ସଭ୍ୟ/ସଭ୍ୟା</u>

*ସର୍ବଶ୍ରୀ/ଶ୍ରୀମତୀ:*

| | | |
|---|---|---|
| ୧. | ସୁଲୋଚନା ଦାସ | ମେୟର |
| ୨. | ମଞ୍ଜୁଲତା କହଁର | ଡେପୁଟି ମେୟର |
| ୩. | ମିହିର କୁମାର ରାଉତ | ୱାର୍ଡ ନଂ-୦୧ |
| ୪. | ମୋନାଲିସା ବେହେରା | ୱାର୍ଡ ନଂ-୦୨ |
| ୫. | ଲକ୍ଷ୍ମୀପ୍ରିୟା ପରିଡ଼ା | ୱାର୍ଡ ନଂ-୦୩ |
| ୬. | ମିନୁଶ୍ରୀ ଖୁଟିଆ | ୱାର୍ଡ ନଂ-୦୫ |
| ୭. | ପ୍ରୀତିନନ୍ଦା ରାଉତରାୟ | ୱାର୍ଡ ନଂ-୦୬ |
| ୮. | ଯଶୋଧାରା ପ୍ରଧାନ | ୱାର୍ଡ ନଂ-୦୭ |
| ୯. | ଲାଲ୍ ମୋହନ ଟୁଡୁ | ୱାର୍ଡ ନଂ-୦୮ |
| ୧୦. | ସୁଷମା ସାହୁ | ୱାର୍ଡ ନଂ-୦୯ |
| ୧୧. | ସେକ୍ ନୁରହାସନ୍ | ୱାର୍ଡ ନଂ-୧୦ |
| ୧୨. | ପ୍ରଭାସିନି ମହାନ୍ତି | ୱାର୍ଡ ନଂ-୧୧ |
| ୧୩. | ଜୟନ୍ତି ସାହୁ | ୱାର୍ଡ ନଂ-୧୨ |
| ୧୪. | ଇତିଶ୍ରୀ ଦାସ | ୱାର୍ଡ ନଂ-୧୩ |
| ୧୫. | ପିଙ୍କି ସ୍ୱାଇଁ | ୱାର୍ଡ ନଂ-୧୫ |
| ୧୬. | ଅଚ୍ୟୁତାନନ୍ଦ ସ୍ୱାଇଁ | ୱାର୍ଡ ନଂ-୧୬ |
| ୧୭. | ପୂଜା ମହାରଣା | ୱାର୍ଡ ନଂ-୧୭ |
| ୧୮. | ବିପ୍ଳବ ବେହେରା | ୱାର୍ଡ ନଂ-୧୮ |
| ୧୯. | ସ୍ମୃତିଶିଖା ବରିସଲ | ୱାର୍ଡ ନଂ-୧୯ |
| ୨୦. | ପ୍ରେମାନନ୍ଦ ଜେନା | ୱାର୍ଡ ନଂ-୨୦ |
| ୨୧. | ପୂଜା ବେହେରା | ୱାର୍ଡ ନଂ-୨୧ |
| ୨୨. | କିରଣବାଳା ମାଝୀ | ୱାର୍ଡ ନଂ-୨୩ |
| ୨୩. | ଦୀପକ କୁମାର ମିଶ୍ର | ୱାର୍ଡ ନଂ-୨୪ |
| ୨୪. | ମାନସୀରାଣୀ ସୁନ୍ଦରାୟ | ୱାର୍ଡ ନଂ-୨୫ |
| ୨୫. | ଭାରତୀ ସିଂ | ୱାର୍ଡ ନଂ-୨୬ |
| ୨୬. | ଶୁଭାଂଶୁ ଶେଖର ପଟ୍ଟନାୟକ | ୱାର୍ଡ ନଂ-୨୭ |
| ୨୭. | ଝରଣାରାଣୀ ପତି | ୱାର୍ଡ ନଂ-୨୮ |
| ୨୮. | ଅପରୂପ ନାରାୟଣ ରାଉତ | ୱାର୍ଡ ନଂ-୨୯ |
| ୨୯. | ରାଜକିଶୋର ଦାସ | ୱାର୍ଡ ନଂ-୩୦ |
| ୩୦. | କୁମାରେନ୍ଦ୍ର ମହାପାତ୍ର | ୱାର୍ଡ ନଂ-୩୧ |
| ୩୧. | ଧରିତ୍ରୀ ଜେନା | ୱାର୍ଡ ନଂ-୩୩ |
| ୩୨. | ପୁଷ୍ପାଞ୍ଜଳୀ ସେଠୀ | ୱାର୍ଡ ନଂ-୩୪ |
| ୩୩. | ରଞ୍ଜୁଲତା ରାୟ | ୱାର୍ଡ ନଂ-୩୫ |
| ୩୪. | ଅଲିଅଳି ମଲିକ୍ | ୱାର୍ଡ ନଂ-୩୬ |
| ୩୫. | ବନ୍ଦିତା ପାଲ୍ | ୱାର୍ଡ ନଂ-୩୭ |
| ୩୬. | ପଦ୍ମଜା ପ୍ରିୟଦର୍ଶିନୀ ଜେନା | ୱାର୍ଡ ନଂ-୩୮ |
| ୩୭. | ଗିତାଞ୍ଜଳୀ ସାହୁ | ୱାର୍ଡ ନଂ-୩୯ |
| ୩୮. | ଅସିୟା ବେଗମ୍ | ୱାର୍ଡ ନଂ-୪୦ |
| ୩୯. | କବିତା ସ୍ୱାଇଁ | ୱାର୍ଡ ନଂ-୪୧ |
| ୪୦. | ଆଶିଷ କୁମାର ପଟ୍ଟନାୟକ | ୱାର୍ଡ ନଂ-୪୨ |
| ୪୧. | ଭରତ କୁମାର ଲେଙ୍କା | ୱାର୍ଡ ନଂ-୪୩ |
| ୪୨. | ଅଜିତ୍ ବେହେରା | ୱାର୍ଡ ନଂ-୪୪ |
| ୪୩. | ଅମରେଶ ଜେନା | ୱାର୍ଡ ନଂ-୪୫ |
| ୪୪. | ପୁଷ୍ପା ରାଉତ | ୱାର୍ଡ ନଂ-୪୬ |
| ୪୫. | ସମିତା ମହାନ୍ତି | ୱାର୍ଡ ନଂ-୪୭ |
| ୪୬. | ସୁଚିତ୍ରା ପାତ୍ର | ୱାର୍ଡ ନଂ-୪୮ |
| ୪୭. | ସଂଯୁକ୍ତା ସୁନ୍ଦରାୟ | ୱାର୍ଡ ନଂ-୪୯ |
| ୪୮. | ରାମଚନ୍ଦ୍ର ରଣସିଂହ | ୱାର୍ଡ ନଂ-୫୦ |
| ୪୯. | ବିନୟନୀ ଜେନା | ୱାର୍ଡ ନଂ-୫୧ |
| ୫୦. | ଶ୍ରୀଧର ବେହେରା | ୱାର୍ଡ ନଂ-୫୨ |
| ୫୧. | ମହାମାୟା ସ୍ୱାଇଁ | ୱାର୍ଡ ନଂ ୫୩ |
| ୫୨. | ଶିବ ପ୍ରସାଦ ବେହେରା | ୱାର୍ଡ ନଂ-୫୪ |
| ୫୩. | ନୃପେଶ କୁମାର ନାୟକ | ୱାର୍ଡ ନଂ-୫୫ |
| ୫୪. | କେ. ଶାନ୍ତି | ୱାର୍ଡ ନଂ-୫୬ |
| ୫୫. | ସନ୍ତୋଷ କୁମାର ସିଂହ | ୱାର୍ଡ ନଂ-୫୭ |
| ୫୬. | ନମିତା ମହାପାତ୍ର | ୱାର୍ଡ ନଂ-୫୮ |
| ୫୭. | ବିଇଂଚି ନାରାୟଣ ମହାସୁପକାର | ୱାର୍ଡ ନଂ-୫୯ |
| ୫୮. | ଚନ୍ଦ୍ରଶେଖର ମଲିଆ | ୱାର୍ଡ ନଂ-୬୦ |
| ୫୯. | ଶିବ ନାରାୟଣ ରାୟ | ୱାର୍ଡ ନଂ-୬୧ |
| ୬୦. | ଚାରୁଲତା ସାମନ୍ତରାୟ | ୱାର୍ଡ ନଂ-୬୨ |
| ୬୧. | ସୁଜାତା ଛୋଟରାୟ | ୱାର୍ଡ ନଂ-୬୩ |
| ୬୨. | ସଙ୍କିବା ମୁଣ୍ଡରତ୍ | ୱାର୍ଡ ନଂ-୬୪ |
| ୬୩. | ରଶ୍ମି ରଞ୍ଜନ ପାଟଶାଣୀ | ୱାର୍ଡ ନଂ-୬୫ |
| ୬୪. | ଛବି ଦାଶ | ୱାର୍ଡ ନଂ-୬୬ |
| ୬୫. | ମଧୁସ୍ମିତା ପ୍ରଧାନ | ୱାର୍ଡ ନଂ-୬୭ |

୬୬. ଶ୍ରୀ ସୁରେଶ କୁମାର ରାଉତରାୟ
ମାନ୍ୟବର ବିଧାୟକ "ଜଟଣୀ"

୬୭. ଦାଶରଥି ଗରାବଡୁ, ମାନ୍ୟବର ବିଧାୟକ, ଭୁବନେଶ୍ୱର "ଏକାମ୍ର" -ତଥା-ମନ୍ତ୍ରୀଙ୍କ ପ୍ରତିନିଧି

୬୮. ମିଲନ୍ କୁମାର ପାଇକରାୟ
ମାନ୍ୟବର ବିଧାୟକ, ଭୁବନେଶ୍ୱର "ମଧ୍ୟ" ଙ୍କ ପ୍ରତିନିଧି

ଅଦ୍ୟ ତା ୨୦.୦୨.୨୦୨୩ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଭୁବନେଶ୍ୱର ମହାନଗର ନିଗମର ଏକ ସାଧାରଣ ବୈଠକ ନିଗମ ସଭାକକ୍ଷ BMC- ICOMC ରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନନୀୟା ମେୟର-ତଥା-ଗୃହର ସ୍ଥାୟୀ ସଭାପତି ଶ୍ରୀମତୀ ସୁଲୋଚନା ଦାସ ସଭାପତିତ୍ୱ କରିଥିଲେ । ମେୟର-ତଥା-ସଭାପତି ବୈଠକରେ ଉପସ୍ଥିତ ଥିବା ଡେପୁଟି ମେୟର, କମିଶନର, ଅତିରିକ୍ତ କମିଶନର, ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ୍/ଚେୟାର୍‌ପର୍‌ସନ୍, କର୍ପୋରେଟର, ମାନ୍ୟବର ବିଧାୟକ,"ଏକାମ୍ର"-ତଥା-ମନ୍ତ୍ରୀଙ୍କ ପ୍ରତିନିଧି, ମାନ୍ୟବର ବିଧାୟକ,ଭୁବନେଶ୍ୱର "ମଧ୍ୟ"ଙ୍କ ପ୍ରତିନିଧି, ନିଗମର ଅନ୍ୟାନ୍ୟ ଅଧିକାରୀ ଓ ବିଭିନ୍ନ ବିଭାଗରୁ ଆସିଥିବା ଅଧିକାରୀ ମାନଙ୍କୁ ସ୍ୱାଗତ କରିଥିଲେ । ନିମଗର ପ୍ରଚଳିତ ପ୍ରଥା ଅନୁଯାୟୀ **'ବନ୍ଦେ ଉତ୍କଳ ଜନନୀ'** ବନ୍ଦନା ଗାନ କରାଯିବା ପରେ କାର୍ଯ୍ୟସୂଚୀ ମତେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରାରମ୍ଭରେ ସଭାପତି ସମସ୍ତଙ୍କୁ ସ୍ୱାଗତ ଜଣାଇ କହିଥିଲେ ଯେ, ବହୁ ପ୍ରତିକ୍ଷିତ ଭୁବନେଶ୍ୱର ମହାନଗର ନିଗମର ନୂତନ କାର୍ଯ୍ୟାଳୟ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଶୁଭ ଉଦ୍‌ଘାଟନ ପରେ କର୍ପୋରେସନର ଏହା ପ୍ରଥମ ବୈଠକରେ ପ୍ରଥମ ବଜେଟ୍-୨୦୨୩-୨୪ ଅନୁମୋଦନ କରାଯାଇଅଛି । ସେଥିପାଇଁ ମୁଁ ସମସ୍ତଙ୍କୁ କୃତଜ୍ଞତା ଜଣାଉଅଛି । ହକି ବିଶ୍ୱକପ୍ ସଫଳତାର ସହ ସମ୍ପୂର୍ଣ୍ଣ ହୋଇଅଛି । ଏହି କାର୍ଯ୍ୟ ସମସ୍ତ ଅଧିକାରୀଙ୍କ ଠାରୁ ସଫେଇ କର୍ମଚାରୀ, ବିଭିନ୍ନ ବିଭାଗର ଅଧିକାରୀ ଏବଂ କର୍ପୋରେଟର ଦିନରାତି କାର୍ଯ୍ୟ କରିଛନ୍ତି ଏବଂ ପ୍ରଶଂସା ପାଇଛନ୍ତି, ସେଥିପାଇଁ ମୁଁ ସମସ୍ତଙ୍କୁ ଧନ୍ୟବାଦ ଜଣାଉଅଛି । ଖଣ୍ଡଗିରି ଠାରେ ମାଘ ମେଳା ପାଇଁ ସଂଗଠିତ କରି ସୁନ୍ଦର ଭାବରେ କରାଯାଇଅଛି । ମହାପ୍ରଭୁ ଶ୍ରୀ ଶ୍ରୀ ଲିଙ୍ଗରାଜ ଦେବଙ୍କ ଜାଗର ଯାତ୍ରାକୁ ବ୍ୟବସ୍ଥିତ ଢଙ୍ଗରେ କରାଯାଇଅଛି । ଚଳିତ କର୍ପୋରେସନର ପ୍ରାୟ ୧୧ ମାସ ପୂରଣ ହେବାକୁ ଯାଉଅଛି । ଆମେ ଗୋଟିଏ ଟିମ୍ ହୋଇ କାମ କରୁଅଛେ, ସେଥିପାଇଁ ମୁଁ ସମସ୍ତଙ୍କୁ ଧନ୍ୟବାଦ ଦେବି । ଭୁବନେଶ୍ୱର ମହାନଗର ନିଗମର ପରିସର ବଢିଅଛି । ଯେଉଁ ନୂଆ ଏରିଆ ମିଶିଅଛି, ସେ ଅଂଚଳର ଉନ୍ନତି ପାଇଁ ଅଗ୍ରାଧିକାର ଦେବା । ଭୁବନେଶ୍ୱର ମହାନଗର ନିଗମାଂଚଳରେ ରାସ୍ତା, ନାଳ, ହେରିଟେଜ୍ ମାର୍କେଟ୍‌କୁ ଗୁରୁତ୍ୱ ଦିଆଯିବ, ଉଚ୍ଛେଦ ହୋଇଥିବା ବ୍ୟବସାୟୀ ମାନଙ୍କୁ ଭେଣ୍ଡିଂଜୋନ୍‌ରେ ବ୍ୟବସ୍ଥିତ କରାଯିବ । ନିଗମର ଆୟ ବୃଦ୍ଧି କରିବା ନିମନ୍ତେ ଗୁରୁତ୍ୱ ଦିଆଯିବ । ଭୁବନେଶ୍ୱର ମହାନଗର ନିଗମାଂଚଳର ସଫେଇ ଓ ପରିମଳ କାର୍ଯ୍ୟ ଓ ବାଇଓ ମାଇନିଙ୍ଗ୍ ପାଇଁ ଗୁରୁତ୍ୱ ଦିଆଯିବ । ପୋଖରୀ ଗୁଡ଼ିକର ପୁନଃଉଦ୍ଧାର ଓ ସହରର ସୌନ୍ଦର୍ଯ୍ୟକରଣ, ସ୍ୱାସ୍ଥ୍ୟସେବା ପାଇଁ ଗୁରୁତ୍ୱ ଦିଆଯିବ । ଭୁବନେଶ୍ୱର ଆଜି ବିଶ୍ୱରେ ପରିଚିତ ହୋଇଯାଇଅଛି ସେଥିପାଇଁ ଆମ୍ଭେମାନେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା, ଆଜିର ଦିନ ସ୍ମରଣୀୟ ହୋଇ ରହିବ ବୋଲି କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ସଭାପତିଙ୍କ ଅନୁମତି କ୍ରମେ ମାନନୀୟା ଡେ଼ପୁଟି ମେୟର, ବୈଠକରେ ଉପସ୍ଥିତ ମାନନୀୟା ମେୟର, କମିଶନର, ଅତିରିକ୍ତ କମିଶନର, ସମସ୍ତ କର୍ପୋରେଟର ଭାଇ ଓ ଭଉଣୀ, ମାନ୍ୟବର ବିଧାୟକଙ୍କ ପ୍ରତିନିଧି ବହୁ ପ୍ରତିକ୍ଷାର ଅନ୍ତ ହୋଇଅଛି । ଭୁବନେଶ୍ୱର ମହାନଗର ନିଗମାଂଚଳ ନୂତନ ଗୃହରେ ପ୍ରଥମ ବୈଠକ ଅନୁଷ୍ଠିତ ହେଉଅଛି, ଆମେ ସମସ୍ତେ ମିଶି ସହରର ଉନ୍ନତି କରିବା କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ସଭାପତିଙ୍କ ଅନୁମତି କ୍ରମେ କମିଶନର, ବୈଠକରେ ଉପସ୍ଥିତ ମାନନୀୟା ମେୟର, ଡେ଼ପୁଟି ମେୟର, ଷ୍ଟାଣ୍ଡିଂ କମିଟିର ଚେୟାର୍‌ମ୍ୟାନ୍/ଚେୟାର୍‌ପର୍‌ସନ୍, ସମସ୍ତ କର୍ପୋରେଟରଙ୍କୁ ନମସ୍କାର ଜଣାଇ କହିଥିଲେ ଯେ, ଆଜି ଆମେ ସ୍ମାର୍ଟ ଅଫିସ୍‌ରେ ପ୍ରଥମ କର୍ପୋରେସନ ବୈଠକ କରୁଅଛେ, ସମସ୍ତେ ସ୍ମାର୍ଟ ହୋଇ କାମ କରିବା, କାର୍ଯ୍ୟର ମାନ ଉନ୍ନତି କରିବା ଏବଂ ଠିକ୍ ସମୟରେ କାର୍ଯ୍ୟ କରିବା କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ସଭାକାର୍ଯ୍ୟ ଚାଲୁଥିବା ସମୟରେ ମାନ୍ୟବର ବିଧାୟକ "ଜଟଣୀ" ଶ୍ରୀ ସୁରେଶ କୁମାର ରାଉତରାୟ ଆସି ପହଂଚିଥିଲେ ତାଙ୍କୁ କରତାଳି ଦେଇ ସ୍ୱାଗତ କରାଯାଇଥିଲା । ସଭାପତିଙ୍କ ଅନୁରୋଧ କ୍ରମେ ମାନ୍ୟବର ବିଧାୟକ "ଜଟଣୀ" ସମସ୍ତଙ୍କୁ ଧନ୍ୟବାଦ ଜଣାଇ କହିଥିଲେ ଯେ, ଭୁବନେଶ୍ୱରରେ ବଢିଆ ସୌନ୍ଦର୍ଯ୍ୟକରଣ କରାଯାଇଅଛି । ସେଥି ମଧ୍ୟରୁ ଭୁବନେଶ୍ୱର ମହାନଗର ନିଗମର ଏହି ନୂତନ ଗୃହ ଗୋଟିଏ, ଆପଣମାନେ ସୁନ୍ଦର କାର୍ଯ୍ୟ କରୁଛନ୍ତି । ରାତି ଦିନ ସଫେଇ କାର୍ଯ୍ୟ ଚାଲୁଅଛି, ସହର ସଫାସୁତୁରା ହୋଇଅଛି । ଲୋକମାନେ ପ୍ରଶଂସା କରୁଛନ୍ତି, ଆଜି ମୁଁ ତିନି ଗୋଟି ପ୍ରସ୍ତାବ ରଖିବି, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରୁଅଛି, ଭୁବନେଶ୍ୱରରୁ କଟକ ମେଟ୍ରୋ ରେଲୱେ ବ୍ୟବସ୍ଥା କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରନ୍ତୁ, ହରେକୃଷ୍ଣ ମହତାବଙ୍କ ନାମରେ ଏକ ଅଡ଼ିଟୋରିଅମ୍ କରାଯାଉ, ଆମେ ସମସ୍ତେ ସହଯୋଗ କରିବୁ । ମେୟର ମହୋଦୟାଙ୍କ ପାଇଁ ତାଙ୍କ ଗାଡ଼ିରେ ସାଇରନ୍ ଲଗାଇବା ପାଇଁ ବ୍ୟବସ୍ଥା କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଉ । ମାନ୍ୟବର ମୁଖ୍ୟମନ୍ତ୍ରୀ ଲୋକପାଇଁ କାମ କରୁଛନ୍ତି ଏହିସବୁ କାର୍ଯ୍ୟ କରନ୍ତୁ । ଜଟଣୀ ଓ ଖୋର୍ଦ୍ଧା ପଥର ଉପରେ ଦୁଇଟି ସହର ଅଛି, କିନ୍ତୁ ଏଠାରେ ୨୪ ଘଂଟା ଜନସାଧାରଣ ପାନୀୟ ଜଳ ପାଉଛନ୍ତି । କର୍ପୋରେଟର, ଡେ଼ପୁଟି ମେୟର, ମେୟର ବଢିଆ କାର୍ଯ୍ୟ କରୁଛନ୍ତି । ମହାଶିବରାତ୍ରୀ ପାଳନ ସମୟରେ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ସୁନ୍ଦର ବ୍ୟବସ୍ଥା ହୋଇଛି, ସେଥିପାଇଁ ମୁଁ ସମସ୍ତଙ୍କୁ ଧନ୍ୟବାଦ ଦେଉଅଛି ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ମାନସୀରାଣୀ ସୁନ୍ଦରାୟ କହିଥିଲେ ଯେ, ଭୁବନେଶ୍ୱର ମହାନଗର ନିଗମାଂଚଳରେ ଯେଉଁ କାନ୍ଥ ଚିତ୍ରଣ ହୋଇଅଛି, ସେହି ଚିତ୍ରଣର **validity** ସମୟ କେତେ ? କାନ୍ଥ ଚିତ୍ରଣ ପରେ ପରେ କେତେକ ସ୍ଥାନରେ ରଙ୍ଗ ଛାଡ଼ି ଗଲାଣି । ତାଙ୍କୁ ସମର୍ଥନ କରି କର୍ପୋରେଟର ଶ୍ରୀମତୀ ମହାମାୟା ସ୍ୱାଇଁ କହିଥିଲେ ଯେ, ବିମାନବନ୍ଦର ପ୍ରାଚୀରରେ ହକି ବିଶ୍ୱକପ୍ ପୂର୍ବରୁ କାନ୍ଥ ଚିତ୍ରଣ ହୋଇପାରିଲା ନାହିଁ କିନ୍ତୁ ହକି ବିଶ୍ୱକପ୍ ପରେ ଚିତ୍ରଣ କରାଯାଇଅଛି । କେତେକ ସ୍ଥାନରେ ମଧ ପୁରୁଣା କାନ୍ଥ ଚିତ୍ର ଉପରେ ଅନ୍ୟ ଚିତ୍ରଣ କରାଯାଇଅଛି । ଏହା ଉପରେ ଆଲୋଚନା କରାଗଲା । ଏହି କାର୍ଯ୍ୟକୁ ଯାଂଚ୍ କରିବା ପାଇଁ ଏକ କମିଟି ଗଠନ ହେବ, ଏହି କମିଟଙ୍କ ତଥ୍ୟ ମିଳିବା ପରେ ଠିକାଦାର ମାନଙ୍କର ବିଲ୍ ପୈଠ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଭରତ କୁମାର ଲେଙ୍କା କହିଥିଲେ ଯେ, ଭୁବନେଶ୍ୱର ମହାନଗର ନିଗମାଂଚଳର ରାସ୍ତାଲୋକର ରକ୍ଷଣାବେକ୍ଷଣ ଦାୟିତ୍ୱ ଦୁଇ ଗୋଟି ସଂସ୍ଥାଙ୍କୁ ଦିଆଯାଇଅଛି ସେମାନେ ଠିକ୍ ଭାବରେ କାର୍ଯ୍ୟ କରୁନାହାଁନ୍ତି । ମୋ ଓ୍ୱାର୍ଡ଼ର କେନାଲ୍ ରୋଡ଼୍ ବହୁ ସମୟ ଅନ୍ଧାର ରହୁଅଛି । ସେମାନଙ୍କ ଟେଣ୍ଡର ସମୟ ପୂରଣ ହେବା ପୂର୍ବରୁ ନୂତନ ଟେଣ୍ଡର ପ୍ରକ୍ରିୟା ପ୍ରସ୍ତୁତ କରାଯାଉ ଯେଭଳି ସେମାନଙ୍କର କାର୍ଯ୍ୟ ସମୟ ବୃଦ୍ଧି କରିବାକୁ ପଡ଼ିବ ନାହିଁ ଏବଂ ଟେଣ୍ଡର ସମୟ ୧୦ ବର୍ଷ ରଖାନଯାଇ ୩/୪ ବର୍ଷ ରଖାଯାଉ ବୋଲି ପ୍ରସ୍ତାବ ଦେଇଥିଲେ । ଏହା ଉପରେ ଆଲୋଚନା କରାଗଲା ଏବଂ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ଛବି ଦାଶ କହିଥିଲେ ଯେ, ଡ଼ିଜିଟାଲ୍ ଡ଼ୋର୍ ନମ୍ବରିଙ୍ଗ୍ ଯେଉଁ ସଂସ୍ଥା କରୁଅଛି, ସମ୍ପୃକ୍ତ ସଂସ୍ଥା କାଗଜ ଷ୍ଟିକରିଂ କରୁଅଛି, ସେଗୁଡ଼ିକ ଛାଡ଼ି ଯାଉଅଛି । ବିଭିନ୍ନ ଓ୍ୱାର୍ଡ଼ରେ ବିଭିନ୍ନ ପ୍ରକାର ଷ୍ଟିକରିଂ ଲଗାଯାଇଅଛି ତାଙ୍କୁ ସମର୍ଥନ କରି କର୍ପୋରେଟର ଶ୍ରୀ ରାମଚନ୍ଦ୍ର ରଣସିଂହ କହିଥିଲେ ଯେ, ଡ଼ୋର୍ ଟୁ ଡ଼ୋର୍ ନମ୍ବରିଙ୍ଗ୍‌ରେ ରହିବା ଘର, ଠାକୁର ଘର, ରୋଷେଇ ଘର, ଲାଟ୍ରିନ୍ ରେ ଷ୍ଟିକର୍ ଲାଗୁଅଛି ଅର୍ଥାତ୍ ଗୋଟିଏ ଘରେ ଏକ ରୁ ଅଧିକ ନମ୍ବରିଙ୍ଗ୍ କରାଯାଉଅଛି । ଏହା ଉପରେ ଆଲୋଚନା କରାଗଲା । ନମ୍ବରିଙ୍ଗ୍‌ରେ **uniformity** ରହିବ ଏବଂ ପରିବାର ଅନୁଯାୟୀ କେବଳ ଗୃହରେ ନମ୍ବରିଙ୍ଗ୍ କରାଯିବ । ଏହିସବୁ କାର୍ଯ୍ୟ ଅତିରିକ୍ତ କମିଶନର-୨ ଏବଂ ଆଂଚଳିକ ଅଧିକାରୀମାନେ ଦେଖିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପୁନଃବାର ଶ୍ରୀମତୀ ଦାଶ କହିଥିଲେ ଯେ, ଗତ ତା ୨୭.୦୧.୨୦୨୩ ରିଖ କର୍ପୋରେସନ ବୈଠକରେ କମ୍ୟୁନିଟି ଅରଗାନାଇଜର୍ ମାନେ କେଉଁ ଓ୍ୱାର୍ଡ଼ରେ କେଉଁ ଦିନ ରହିବେ ତାହାର ଆଦେଶନାମା ଦେବାପାଇଁ, ତାହା କାର୍ଯ୍ୟକାରୀ ହେଲାନାହିଁ, ସେମାନଙ୍କୁ ମଧ **Rotation** କରାଯାଉ । ଏହା ଉପରେ ଆଲୋଚନା କରାଗଲା । ଆସନ୍ତା ମାସ ୭ ତାରିଖ ପୂର୍ବରୁ ଆଦେଶନାମା ବାହାରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଅମରେଶ ଜେନା କହିଥିଲେ ଯେ, ସ୍ମାର୍ଟ ଜନପଥରେ ଥିବା **Kiosk, Electric Sub station** ରେ ବିଜ୍ଞାପନ ଫଳକ ଲଗାଯାଇଅଛି । ସେଠାରୁ କେତେ ଅର୍ଥ ଭୁବନେଶ୍ୱର ମହାନଗର ନିଗମକୁ ମିଳିଅଛି ବୋଲି ଜାଣିବାକୁ ଚାହିଁଥିଲେ । ଏହା ଉପରେ ସ୍ପଷ୍ଟିକରଣ ଦେଇ ଉପ ଆୟୁକ୍ତ, ରାଜସ୍ୱ କହିଥିଲେ ଯେ, ବିଜ୍ଞାପନ ଫଳକ ଲଗାଇଥିବା ବ୍ୟକ୍ତି/ ସଂସ୍ଥାଙ୍କୁ **Demand Notice** ଦିଆଯାଇଅଛି, ସେ ଏ ପର୍ଯ୍ୟନ୍ତ ନିଗମରେ ଅର୍ଥ ପଇଠ କରିନାହାଁନ୍ତି । ଏହା ଉପରେ ଆଲୋଚନା କରାଗଲା । ସମ୍ପୃକ୍ତ ବ୍ୟକ୍ତି/ ସଂସ୍ଥା **Demand** ଅର୍ଥ ନିଗମରେ ଏକ ମାସ ମଧରେ ପଇଠ ନକଲେ ତାଙ୍କ ବିରୁଦ୍ଧରେ **certificate** କେସ୍ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

**ପ୍ରସ୍ତାବ-୧.** ଗତ ତା ୨୭.୦୧.୨୦୨୩ ରିଖ ନିଗମ ସ୍ୱତନ୍ତ୍ର ଓ ସାଧାରଣ ବୈଠକ ବିବରଣୀ ଦୃଢ଼ୀକରଣ:-

**ନିର୍ଦ୍ଧାରଣ-୧.** ଗତ ତା ୨୭.୦୧.୨୦୨୩ ରିଖ ନିଗମ ସ୍ୱତନ୍ତ୍ର ଓ ତା ୨୭.୦୧.୨୦୨୩ ରିଖ ସାଧାରଣ ବୈଠକ ବିବରଣୀ ସର୍ବ ସମ୍ମତିକ୍ରମେ ଦୃଢ଼ୀକରଣ କରାଗଲା ।

ପ୍ରସ୍ତାବ-୨. ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରଶ୍ନ ଓ ଉତର:- (ତା ୨୦.୦୨.୨୦୨୩ ରିଖ)

ଶ୍ରୀ କୁମାରେନ୍ଦ୍ର ମହାପାତ୍ର, ୱାର୍ଡ ନଂ-୩୧

ପ୍ରଶ୍ନ-୨(୧). ସଭାପତି ମହାଶୟା ଦୟାକରି ଗୃହକୁ ଜଣାଇବେ କି, ଗୋଟେ S+4 ଆପାର୍ଟମେଂଟ (ଚାରି ମହଲା ବିଶିଷ୍ଟ ଆପାର୍ଟମେଂଟ ପ୍ଲଟ୍ ନଂ-୨୧/୪୧୮୮ Sub Plot No.-B, Khata No.-1057/1031, Mz-BBSR., Bomikhal) ଭୁବନେଶ୍ୱରରେ ତିଆରି ହେଉଛି, ଏଠାରେ ମୋର ଜାଣିବାର ଅଛି କି, କେତେ ଫୁଟ ରୋଡ୍ ଚଉଡ଼ା ଥିଲେ ସେଠି ଜଣକୁ କମର୍ସିଆଲ୍ ବିଲ୍ଡିଂ ଆପ୍ରୁଭାଲ୍ ମିଳିବ ? ଯେତେବେଳେ ଉକ୍ତ ଆପାର୍ଟମେଂଟକୁ NOC ଦିଆଗଲା, ସେଥିରେ ସବୁ ଦିଗକୁ ଧ୍ୟାନ ଦିଆ ଯାଇଥିଲା କି ନାହିଁ, ସେ ଅଂଚଳରୁ ମଧୁର ପାଣି ନିଷ୍କାସନ ବ୍ୟବସ୍ଥା କରାଯାଇଥିଲା କି ? ଅଫିସ୍‌ରେ ବସି ଆପ୍ରୁଭାଲ୍ ଦେଇଦେଲେ ଚାଲିବନି, ତେଣୁ ଅନୁରୋଧ କରେକି, ଉକ୍ତ ବିଲ୍ଡିଂ ର ଆପ୍ରୁଭାଲ୍ କିପରି ଦିଆଗଲା ତାହା ଗୃହକୁ ଜଣାଇବେ କି ?

ଉତ୍ତର-୨(୧). ପ୍ଲଟ୍ ନଂ-୨୧/୪୧୮୮ ମୌଜା ବମିଖାଲ ଉପରେ ବି.ଏମ୍.ସି ର ଯୋଜନା ଉପବିଭାଗ ଦ୍ୱାରା କୌଣସି ଆପାର୍ଟମେଂଟର ନକ୍ସା ଅନୁମୋଦନ କରାଯାଇନାହିଁ । ତଥାପି ତଦନ୍ତ କରିବାରେ ଜଣାଗଲା ଯେ, ପ୍ଲଟ୍ ନଂ-୨୧/୪୧୮୮ Sub Plot No.-B, Khata No.-1057/1031, ମୌଜା ଗୋବିନ୍ଦ ପ୍ରସାଦ ଉପରେ ବି.ଏମ୍.ସି ର ଯୋଜନା ଉପ ବିଭାଗ ଦ୍ୱାରା ପତ୍ରସଂଖ୍ୟା-BP/BMC/001045 ତା ୦୧.୧୧.୨୦୨୨ ରିଖରେ S+4 Residential Building ର ନକ୍ସାକୁ ଅନୁମୋଦନ କରାଯାଇଅଛି । ଅନୁମୋଦନ କରାଯାଇଥିବା ନକ୍ସାରେ ୮ ଟି ବାସଗୃହ ଥିବାରୁ ଏହା Appartment Category ଅନ୍ତର୍ଭୁକ୍ତ ନୁହେଁ ।

ODA (P & BS) Rules 2020 ର ରୁଲ୍ ନଂ-୩୧ ଅନୁଯାୟୀ Residential ପ୍ଲଟ୍ କୁ ସଂଯୋଗ କରୁଥିବା ରାସ୍ତାର ସର୍ବନିମ୍ନ ଚଉଡ଼ା ୬ ମିଟର (୨୦ ଫୁଟ) ହେବା ନିହାତି ଆବଶ୍ୟକ । ଉକ୍ତ ପ୍ଲଟ୍ ର ସାମ୍ନାରେ ଡ୍ରେନ୍ ସହ ୨୦ ଫୁଟର ଢଳେଇ ରାସ୍ତା ରହିଅଛି । ଉପରୋକ୍ତ ନିୟମ ଅନୁଯାୟୀ ନକ୍ସା ଅନୁମୋଦନ କରାଯାଇଅଛି ।

ଏହି ନକ୍ସା ଅନୁମୋଦନ ପାଇଁ ଆବେଦନକାରୀ PHD ର ପତ୍ରସଂଖ୍ୟା-୯୩୦୭ ତା ୦୭.୦୫.୨୦୨୨ ରିଖ ଅନୁଯାୟୀ Water Supply ଏବଂ Sewerage Connection ନିମନ୍ତେ NOC ଦାଖଲ କରିଛନ୍ତି । Provisional BMC NOC (EIDP fee) ପ୍ରାରମ୍ଭିକ ଶୁଳ୍କ ବାବଦରେ 1% of Project Cost ଅର୍ଥାତ୍ ଟ ୨,୨୯,୮୭୨/- ଦାଖଲ କରିଛନ୍ତି ।

ଗୃହ ଓ ନଗର ଉନ୍ନୟନ ବିଭାଗଙ୍କ ପତ୍ରସଂଖ୍ୟା-୮୩୪୬/HUD ତା ୨୧.୦୪.୨୦୨୦ ରିଖ ଅନୁଯାୟୀ ଆବେଦନକାରୀ ଆନୁଷଙ୍ଗିକ ବହିଃ ଭିତିଭୂମି ସମ୍ପୂର୍ଣ୍ଣ କରି ବି.ଏମ୍.ସି ପ୍ରଦତ Final NOC ଦାଖଲ କରିବ ପରେ ଆବଶ୍ୟକୀୟ Occupancy Certificate ଦିଆଯିବ ।

ସଭାପତିଙ୍କ ଅନୁମତି କ୍ରମେ ପ୍ରଶ୍ନକର୍ତା ଶ୍ରୀ କୁମାରେନ୍ଦ୍ର ମହାପାତ୍ର କହିଥିଲେ ଯେ, ମୋ ୱାର୍ଡ଼ରେ ପ୍ରାୟ ୮ ରୁ ଅଧିକ ବହୁତଳ ପ୍ରାସାଦ ଅଛି । ସେଠାରେ ଡ୍ରେନ୍ ନାହିଁ, ଜଳ ନିଷ୍କାସନ ପାଇଁ ନାଳ ନାହିଁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନିର୍ବାହୀ ଯନ୍ତ୍ରୀ, ଡ୍ରେନେଜ୍ ଉକ୍ତ ଅଂଚଳ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି ସଭାପତି କହିଥିଲେ ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଅମରେଶ ଜେନା କହିଥିଲେ ଯେ, ବକ୍ସି ଜଗବନ୍ଧୁ ନଗରରେ ସୁଉଚ୍ଚ ଅଟ୍ଟାଳିକା ନିର୍ମାଣ ହେଉଅଛି । ସେ ଅଂଚଳରେ କିନ୍ତୁ ସ୍ୱେରେଜ ପାଣି ଯିବାପାଇଁ ବ୍ୟବସ୍ଥା କରାଯାଉନାହିଁ । ସ୍ୱେରେଜ୍ ପାଣି ଠିକ୍ ଭାବେ ନିଷ୍କାସନ ହେଉନାହିଁ । ଗୃହ ନିର୍ମାଣ କରିବା ପାଇଁ ଅନୁମତି ଦିଆଯାଉଅଛି ।ଏହା ଉପରେ ଆଲୋଚନା କରାଗଲା । ଉକ୍ତ ଅଂଚଳ ନଗର ଯନ୍ତ୍ରୀ, ଅତିରିକ୍ତ କମିଶନର, ନଗର ପ୍ଲାନର, ୱାଟ୍‌କୋର ଅଧିକାରୀ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ଆଲୋଚନାରେ ଭାଗ ନେଇ କର୍ପୋରେଟର ଶ୍ରୀ ରାଜକିଶୋର ଦାସ କହିଥିଲେ ଯେ, ବହୁତଳ ପ୍ରାସାଦ ନିର୍ମାଣ ସମୟରେ ରାସ୍ତା, ଡ୍ରେନ୍ ଖରାପ କରୁଛନ୍ତି । Enforcement squard ପଠାଇ ସେମାନଙ୍କ ଠାରୁ କ୍ଷୟକ୍ଷତି ଆଦାୟ କରାଯାଉ, ତାଙ୍କୁ ସମର୍ଥନ କରି କର୍ପୋରେଟର ଶ୍ରୀମତୀ ବନ୍ଦିତା ପାଲ୍ କହିଥିଲେ ଯେ, ମୋ ୱାର୍ଡ଼ରେ ଜଣେ ଗୃହ ନିର୍ମାଣ ସମୟରେ ଡ୍ରେନ୍ ଭାଙ୍ଗିଦେଲେ, ମୁଁ ମଧ୍ୟ ନିର୍ବାହୀ ଯନ୍ତ୍ରୀ ଡ୍ରେନେଜଙ୍କୁ

ଜଣାଇଥିଲି କିନ୍ତୁ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ । ଏହା ଉପରେ ଆଲୋଚନା କରାଗଲା । ଯେଉଁ ବ୍ୟକ୍ତି/ ନିର୍ମାଣକାରୀ ସଂସ୍ଥା ଗୃହ ନିର୍ମାଣ ସମୟରେ ରାସ୍ତା ଓ ନାଳ ଖରାପ କରିବେ, ସମ୍ପୃକ୍ତ ଅଂଚଳର ନିର୍ବାହୀ ଯନ୍ତ୍ରୀ ଓ ଆଂଚଳିକ ଅଧିକାରୀ କ୍ଷୟକ୍ଷତିର ଆକଳନ କରି ତାଙ୍କ ଠାରୁ ଉକ୍ତ ଅର୍ଥ ଭରଣା କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରଶ୍ନ-୨(୨). ସଭାପତି ମହାଶୟା ଦୟାକରି ଗୃହକୁ ଜଣାଇବେ କି, ମା' କୋଚିଲାଖାଇ ହାଟର ଜାଗା ରାଜ୍ୟ ସରକାରଙ୍କ ଠାରୁ କେବେ ଭୁବନେଶ୍ୱର ମହାନଗର ନିଗମକୁ ଆସିଲା ? ସେଠାରେ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ ଠାରୁ କେବେ ଟିକସ ଆଦାୟ କରାଯିବ ?

ଉତ୍ତର-୨(୨). ମା' କୋଚିଲାଖାଇ ହାଟର ଜାଗା ରାଜ୍ୟ ସରକାରଙ୍କ ଠାରୁ G.A Deptt. Order No.-16875 ତା ୦୪.୦୮.୨୦୧୭ ରିଖରେ ସମସ୍ତ ସ୍ଥାବର ସମ୍ପତି ଭୁବନେଶ୍ୱର ମହାନଗର ନିଗମକୁ ହସ୍ତାନ୍ତର କରିଛନ୍ତି ଏବଂ କର୍ପୋରେସନ ରିଜୋଲ୍ୟୁସନ୍ ନଂ-୭(୧୧) ତା ୧୯.୦୮.୨୦୨୨ ରିଖର ପ୍ରସ୍ତାବରେ ଏହି ହାଟର ମହାସୁଲ ଓ ଅନ୍ୟାନ୍ୟ Fees ତା ୦୧.୦୪.୨୦୨୧ ରିଖରୁ ଆଦାୟ କରିବା ପାଇଁ ପ୍ରସ୍ତାବ ପାରିତ କରିଛନ୍ତି ।

ସଭାପତିଙ୍କ ଅନୁମତି କ୍ରମେ ପ୍ରଶ୍ନକର୍ତା କହିଥିଲେ ଯେ, ମା' କୋଚିଲାଖାଇ ହାଟର ପୂର୍ବ ଦୁଇ ବର୍ଷର ବକେୟା ଟିକସ ଦାବି ହେଉଥିବାରୁ ବ୍ୟବସାୟୀ ମାନେ ଉକ୍ତ ଅର୍ଥ ଦେଇପାରୁନାହାଁନ୍ତି, ତେଣୁ ଚଳିତ ବର୍ଷର ଅର୍ଥ ଆଦାୟ କରାଯାଉ ଏବଂ ପୂର୍ବ ବର୍ଷ ଗୁଡ଼ିକର ଟିକସ କିସ୍ତି ଅନୁସାରେ ଆଦାୟ କରାଯାଉ ବୋଲି ପ୍ରସ୍ତାବ ଦେଇଥିଲେ । ଏହା ଉପରେ ଆଲୋଚନା କରାଗଲା ଏବଂ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ଏବଂ ନିଗମ ଅଧିନରେ ଥିବା ସମସ୍ତ ହାଟରେ ଆବଂଟନ କରାଯାଇଥିବା ଦୋକାନଗୃହ / ପିଣ୍ଡିରେ ବ୍ୟବସାୟ କରୁଥିବା ବ୍ୟବସାୟୀ ମାନଙ୍କର ଆଧାର କାର୍ଡ଼ ଯାଂଚ୍ କରାଯାଉ, କୌଣସି ଆବଂଟିତ ଭଡ଼ା ସୂତ୍ରରେ କିମ୍ବା ଲିଜ୍ ସୂତ୍ରରେ ଦେଇଥିଲେ ତାଙ୍କର ଆବଂଟନ ରଦ୍ଦ କରିବା ପାଇଁ ସର୍ବ ସମ୍ମତିକ୍ରମେ ନଷ୍ପତି ହେଲା ।

<u>ଶ୍ରୀ ନୃପେଶ କୁମାର ନାୟକ, ୱାର୍ଡ଼ ନଂ-୫୫</u>

ପ୍ରଶ୍ନ-୨(୩). ସଭାପତି ମହାଶୟା ଦୟାକରି ଗୃହକୁ ଜଣାଇବେ କି, ଆମ ୱାର୍ଡ଼ରେ ବିଭିନ୍ନ ସମୟରେ ଡ଼କାଯାଇଥିବା ଗୁରୁତ୍ୱପୂର୍ଣ୍ଣ ପବ୍ଲିକ୍ ୱାର୍କସ ଟେଣ୍ଡର ଅତୀତରେ ଡ଼କାଯାଇ L-1 bidder ଠାରୁ APS, EMD, ISD (ଲକ୍ଷାଧିକ ଟଙ୍କାର) ମଗାଯାଇ ଏଗ୍ରୀମେଂଟ ସାଇନ୍ କରାଯାଇଥିଲା । ଏହାର ସମ୍ପୂର୍ଣ୍ଣ ତାଲିକା ନିମ୍ନରେ ଦର୍ଶାଗଲା ।

୧. "Construction of concrete drain with cover slab at Nageswar Tangi from Vivekananda library to Drain No.-7 on Vivekananda Marg" Estimated Cost:- Rs.85,64,444/-(Deposited APS- Rs. 12,70,000/-, EMD/ISD-Rs. 1,50, 000/-)
୨. "Improvement to road from SUDA office to Plot No.-485, Plot No.-485 to Plot No.-504(B) & Plot No.-504 (B) to Ravi Talkies road & Block office square to Bhubaneswar Court Gate No.-10 at Nageswar Tangi in Ward No.-55 under SURE Project" having Estimated Cost:- Rs.1,82,83,855/- (Deposited APS- Rs. 27,30,000/-, EMD/ISD-Rs. 3,60, 000/-)
୩. "Construction of paver Block Road Lane No.-1 & 2 at Moharana sahi" having Estimated Cost:- Rs. 35, 99, 963/-, Agreement No.- 372, 2020/21 date of Commencement- 10.01.2022 & date of Completion- 22.02.2022 (Deposited APS- Rs. 5,40,000/-, EMD/ISD-Rs. 70, 000/-)

ଉପରୋକ୍ତ ୩ ଗୋଟି କାମର ଏଜେନ୍ସିମାନେ ଆବଶ୍ୟକୀୟ APS ଏବଂ EMD, ISD ଦାଖଲ କରି ବି.ଏମ୍.ସି ସହ ଏଗ୍ରୀମେଂଟ କରିଥିଲେ(as per the OPWD Code shown in DTCN) । କିନ୍ତୁ ଦୁର୍ଭାଗ୍ୟବଶତଃ ଚୁକ୍ତିବଦ୍ଧ ସମୟସୀମା ଶେଷ ହୋଇ ୧ ବର୍ଷ ବିତିଲା ପରେ ମଧ ସମ୍ପୃକ୍ତ ଏଜେନ୍ସି ୱାର୍କ ସାଇଡ଼୍‌ରେ ପାଦ ପକାଇନଥିଲେ କି କାର୍ଯ୍ୟ ଆରମ୍ଭ କରିନଥିଲେ । ଏଣୁ DTCN ର schedule-I ଅନୁଯାୟୀ

ଜଣେ Successful Bidder LOA ପାଇବା ପରେ ୭ ଦିନ ଭିତରେ APS, ISD ଓ Work Programme ଦାଖଲ କରି ଏଗ୍ରୀମେଂଟ ସାଇନ୍ କରିବେ । ଅନ୍ୟଥା as per Section-II Detailed Tender Call Notice ଅନୁଯାୟୀ ବି.ଏମ୍.ସି ଉକ୍ତ ଏଜେନ୍ସିର ଟେଣ୍ଡରକୁ ରିଜେକ୍ଟ କରି EMD ବାଜ୍ୟାପ୍ତି (forfit) କରିବେ ଏବଂ ଲାଇସେନ୍ସ ଉପରେ ଆକ୍ସନ୍ ନେବେ, ଯଦି ଏଗ୍ରୀମେଂଟ କରିସାରି ୱାର୍କ ଅଡ଼ର୍ ପାଇସାରିବା ପରେ ମଧ୍ୟ କାମ କଲେନାହିଁ ବା Work Programme ଅନୁଯାୟୀ Constantly mile stone achieve କରିବାରେ ବିଫଳ ହେଲେ ତେବେ DTCN Part-I, Section-III, Sl. No.-21, 22 & 22 (V) ଅନୁଯାୟୀ କାମକୁ ତୁରନ୍ତ rescind କରିବା ସହିତ ବଳକା କାମର 20 % Penalty ସମ୍ପୃକ୍ତ ଏଜେନ୍ସି ଠାରୁ ଆଦାୟ କରାଯିବ ଏବଂ atleast ୩ ବର୍ଷ ପାଇଁ ବି.ଏମ୍.ସି ରେ Tender Participate କରିବାରୁ ନିବୃତ କରାଯିବ ଏବଂ Sl. No.-23 ଅନୁଯାୟୀ Appendix-XXXIV to OPWD Code Volume-II Black listing of Contractors vide Letter No.-3365, dt.01.03.2007 of Works Department, Odisha ଅନୁଯାୟୀ black listed ହେବେ । ଉପରୋକ୍ତ କାମ ଗୁଡ଼ିକର ଏଜେନ୍ସି ମାନେ ସମସ୍ତ APS, EMD, ISD ଜମା କରି ଚୁକ୍ତିବଦ୍ଧ ହୋଇ ମଧ୍ୟ ଦୀର୍ଘ ବର୍ଷ ଧରି କାମ ଆରମ୍ଭ ମଧ୍ୟ କରିନଥିଲେ । ଏଣୁ ଏଗ୍ରିମେଂଟ ନିୟମ ତଥା OPWD Code ଅନୁଯାୟୀ ସର୍ବପ୍ରଥମେ Work Sl.No.-1 APS, EMD, ISD-Rs. 14,20, 000/-, Work Sl. No.-2 APS, EMD, ISD-Rs. 30,90, 000/- ଏବଂ Work Sl.No.-3 APS, EMD, ISD-Rs. 6,10, 000/- (Grand Total-Rs.51,20,000/- କୁ ବାଜ୍ୟାପ୍ତ କରାଯାଇ କର୍ପୋରେସନ ତହବିଲ୍‌କୁ ଯିବା ଉଚିତ୍) ଦ୍ୱିତୀୟତଃ ଏଜେନ୍ସିକୁ black listed କରିବା ଉଚିତ୍ । ଦୀର୍ଘ ଦିନ ଧରି ସରକାରୀ ଅର୍ଥ ଏବଂ Public Works Pending ରହିବା ଦ୍ୱାରା ସାଧାରଣ ଜନତା ଆଜିଯାଏ ନାନା ହିନସ୍ତା ଭୋଗ କରୁଛନ୍ତି । ଏଣୁ ଉପରୋକ୍ତ ବିଷୟରେ ସବିଶେଷ ବିବରଣୀ ଏବଂ ସମସ୍ତ କାଗଜ ବା Works file details କର୍ପୋରେସନରେ ଉପସ୍ଥାପନା କରାଯାଉ ।

ଉତ୍ତର-୨(୩)(୧)."Construction of concrete drain with cover slab at Nageswar Tangi from Vivekananda library to Drain No.-7 on Vivekananda Marg in Ward No.-55" କାର୍ଯ୍ୟ ପାଇଁ ଏକ ଟେଣ୍ଡର ନଂ-୧୫୮୬୫ ତା ୦୬.୦୬.୨୦୧୯ ରିଖରେ ଆହ୍ୱାନ କରାଯାଇଥିଲା । ଉକ୍ତ ଟେଣ୍ଡରରେ ୪ ଜଣ ଠିକାଦାର ଭାଗ ନେଇଥିଲେ । ଉକ୍ତ କାର୍ଯ୍ୟ ପାଇଁ Technical Bid ଏବଂ Financial Bid ଯଥାକ୍ରମେ ତା୧୧,୦୭,୨୦୧୯ ରିଖ ଏବଂ ତା ୧୫.୦୭.୨୦୧୯ ରିଖରେ ଖୋଲାଯାଇଥିଲା । ଉକ୍ତ ଟେଣ୍ଡରରେ ଶତକଡ଼ା ୧୪.୯୯ କମ୍ ମୂଲ୍ୟ ସହ ସର୍ବନିମ୍ନ ଦରଦାତା ଭାବେ ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି ମନୋନୀତ ହୋଇଥିଲେ । ମହାନଗର ନିଗମ ଚିଠି ନଂ-୨୦୧୫୧ ତା ୧୯.୦୭.୨୦୧୯ ରିଖ ଅନୁଯାୟୀ ଶ୍ରୀ ମହାନ୍ତିଙ୍କୁ ଟ ୧୨,୮୩,୮୧୦/- APS ଭାବେ ଜମା କରିବା ପାଇଁ ଜଣାଇ ଦିଆଯାଇଥିଲା । ଶ୍ରୀ ମହାନ୍ତି ଉକ୍ତ APS ବାବଦକୁ ଟ ୧୨,୮୩,୮୧୦/- ତା ୨୯.୦୭.୨୦୧୯ ରିଖରେ ଦାଖଲ କରିଥିଲେ । ନିର୍ବାହୀ ଯନ୍ତ୍ରୀ, ଜଳ ନିଷ୍କାଶ ଉପବିଭାଗ ତରଫରୁ ଉକ୍ତ ଟେଣ୍ଡର ପ୍ରସ୍ତାବକୁ ଗ୍ରହଣ ସହ ମଞ୍ଜୁରୀ ପ୍ରାପ୍ତ ନିମନ୍ତେ ଉପରିସ୍ଥ ଅଧିକାରୀଙ୍କୁ ତା ୩୦.୦୭.୨୦୧୯ ରିଖରେ ନଥି ପ୍ରେରଣ କରିଥିଲେ । ଉକ୍ତ ଟେଣ୍ଡର ପ୍ରସ୍ତାବଟି ମଞ୍ଜୁରୀ ପ୍ରାପ୍ତ ସହ ଜଳ ନିଷ୍କାଶ ବିଭାଗ ତା ୦୪.୧୧.୨୦୧୯ ରିଖରେ ଫେରି ପାଇଥିଲା । ଏହି ସମୟ ମଧ୍ୟରେ ଅହେତୁକ ଶ୍ରମିକ ମୂଲ୍ୟ ଓ ବିଭିନ୍ନ ସାମଗ୍ରୀର ବଜାର ମୂଲ୍ୟ ବୃଦ୍ଧି ଦର୍ଶାଇବା ସହ DTCN Clause ଅନୁଯାୟୀ ୯୦ ଦିନର ନିର୍ଦ୍ଧାରିତ ସମୟ ତା ୨୧.୧୦.୨୦୧୯ ରିଖରେ ସରିଯିବା ଦର୍ଶାଇ ଶ୍ରୀ ମହାନ୍ତି ତାଙ୍କର ନିଲାମକୁ ରଦ୍ଦ କରି APS ଏବଂ EMD କୁ ଫେରସ୍ତ କରିବା ପାଇଁ ନିବେଦନ କରିଥିଲେ । ଶ୍ରୀ ମହାନ୍ତିଙ୍କର ନିବେଦନକୁ ଗ୍ରହଣ କରି DTCN Clause No.-7 ଅନୁଯାୟୀ ଟେଣ୍ଡର ଖୋଲାଯାଇଥିବା ତାରିଖ ଠାରୁ ୯୦ ଦିନ ଅତିକ୍ରାନ୍ତ କରିଯାଇଥିବା ଯୋଗୁଁ ନିଲାମକୁ ରଦ୍ଦ କରି APS ଏବଂ EMD ଫେରସ୍ତ ନିମନ୍ତେ ଜଳ ନିଷ୍କାଶ ଉପବିଭାଗ ତରଫରୁ ଉପରିସ୍ଥ ଅଧିକାରୀଙ୍କ ଆଦେଶ ନିମନ୍ତେ ତା ୧୨.୧୨.୨୦୧୯ ରିଖରେ ପଠାଯାଇଥିଲା । ତାହା ତା ୨୧.୦୧.୨୦୨୦ ରିଖରେ ଉକ୍ତ ଟେଣ୍ଡର ରଦ୍ଦ କରିବା ସହ APS ଏବଂ EMD ସମ୍ପୃକ୍ତ ଠିକାଦାରଙ୍କୁ ଫେରସ୍ତ ନିମନ୍ତେ ଆଦେଶ ପ୍ରାପ୍ତ ହୋଇଥିଲା । DTCN Clause No.-7 ଅନୁଯାୟୀ ତା ୧୫.୦୭.୨୦୧୯ ରିଖ ଠାରୁ ତା ୦୧.୧୧.୨୦୧୯ ରିଖ ମଧ୍ୟରେ ୯୦ ଦିନ ଅତିକ୍ରାନ୍ତ କରିଯାଇଥିବାରୁ ମହାନଗର ନିଗମ ତରଫରୁ ଠିକାଦାରଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା । ଉକ୍ତ

ରାସ୍ତାର ପାର୍ଶ୍ୱରେ ରାସ୍ତା ଏବଂ ଗୃହ ନିର୍ମାଣ ବିଭାଗ ଦ୍ୱାରା ହୋଇଥିବା ଏକ saucer drain ଦ୍ୱାରା ଜଳ ନିଷ୍କାସନ ହେଉଅଛି । ଉକ୍ତ ରାସ୍ତାଟି ରାସ୍ତା ଏବଂ ଗୃହ ନିର୍ମାଣ ବିଭାଗ ଅନ୍ତର୍ଗତ ହୋଇଥିବା ଯୋଗୁଁ ମହାନଗର ନିଗମ ତରଫରୁ Principal Secretary, Works Department, Odisha ଙ୍କୁ ପତ୍ରସଂଖ୍ୟା-୨୯୯୮୧ ତା ୨୨.୦୬.୨୦୨୨ ରିଖରେ ଅବଗତ କରାଯାଇଅଛି ।

କ୍ର.ନଂ-୨ ରେ ଉଲ୍ଲିଖିତ କାର୍ଯ୍ୟଟି ଶ୍ରୀ ନାରାୟଣ ଭୋଇଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା । କିନ୍ତୁ ଶ୍ରୀ ଭୋଇ ଏହି କାର୍ଯ୍ୟଟିକୁ ଆରମ୍ଭ କରିବାରେ ବିଳମ୍ବ କରିବାରୁ ଉକ୍ତ ଅଫିସ୍ ତରଫରୁ ତାଙ୍କୁ ଚିଠି ନଂ-୨୯୯୧୮ ତା ୨୧.୦୨.୨୦୨୨ ରିଖରେ କାରଣ ଦର୍ଶାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଶ୍ରୀ ଭୋଇ ତା ୨୫.୦୨.୨୦୨୨ ରିଖରେ ଚିଠି ନଂ-୩୬/୨୦୨୨ ରେ ଜଣାଇଥିଲେ କି ପଂଚାୟତ ନିର୍ବାଚନର ଆଚରଣବିଧି ଏବଂ ଉକ୍ତ ଜାଗାରେ ଅନଧିକାର ଦଖଲ ଥିବାରୁ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ ଏବଂ କାର୍ଯ୍ୟ ତଦାରଖ ପାଇଁ ଆସିଥିବା SURE Team ଙ୍କୁ ମଧ ଉପରୋକ୍ତ କାରଣ ପାଇଁ କାର୍ଯ୍ୟାଦେଶ ରଦ୍ଦ କରିବା ପାଇଁ ମଧ ଅନୁରୋଧ କରିଥିଲେ । ତା ୨୫.୦୫.୨୦୨୨ ରିଖରେ ଉନ୍ନତି ଭବନରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ମୁଖ୍ୟ ଯନ୍ତ୍ରୀ (JICA) ଏବଂ ରାଜ୍ୟ ମୁଖ୍ୟ ବୈଷୟିକ ଦଳ (SURE) ଉକ୍ତ କାର୍ଯ୍ୟଟିର ଚୁକ୍ତି ରଦ୍ଦ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ଏବଂ ଏହା କାର୍ଯ୍ୟାଳୟ ଆଦେଶ ସଂଖ୍ୟା-୩୪୪୩୦ ତା ୧୮.୦୭.୨୦୨୨ ରିଖ ଅନୁଯାୟୀ ଉକ୍ତ କାର୍ଯ୍ୟଟିର ଚୁକ୍ତି ରଦ୍ଦ କରି ଶ୍ରୀ ଭୋଇ ଦାଖଲ କରିଥିବା APS ଓ ISD ଫେରାଇବା ପାଇଁ ନିର୍ଦ୍ଦେଶ ଦିଆଗଲା ଏବଂ ଉକ୍ତ କାର୍ଯ୍ୟଟିକୁ SURE ଲିଷ୍ଟ ରୁ ଅନ୍ତର କରିବା ପାଇଁ ଚିଠି ସଂଖ୍ୟା-୩୪୮୨୧ ତା ୧୯.୦୭.୨୦୨୨ ରିଖରେ ମୁଖ୍ୟ ଯନ୍ତ୍ରୀ, ରାଜ୍ୟ ବୈଷୟିକ ଦଳ (SURE) ଙ୍କୁ ଜଣାଇ ଦିଆଯାଇଅଛି । ସଭାପତିଙ୍କ ଅନୁମତି କ୍ରମେ ପ୍ରଶ୍ନକର୍ତ୍ତା କହିଥିଲେ ଯେ, ଉନ୍ନତି ଭବନରେ ହୋଇଥିବା ସମୀକ୍ଷା/ବୈଠକର ବିବରଣୀ କପି ମୋତେ ଦିଆଯାଉ । ଉକ୍ତ ବୈଠକର ଏକକିତା କପି କର୍ପୋରେଟରଙ୍କୁ ଦେବାପାଇଁ ସଭାପତି ନଗର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

କ୍ର.ନଂ-୩ ରେ ଉଲ୍ଲିଖିତ କାର୍ଯ୍ୟଟିକୁ ଶ୍ରୀ ରମେଶ କୁମାର ମଲିଆଙ୍କୁ ଚିଠି ନଂ-୩୬୪୯ ତା ୦୭.୦୧.୨୦୨୨ ରିଖରେ କାର୍ଯ୍ୟାଦେଶ ଦିଆଯାଇଥିଲା । ଶ୍ରୀ ମଲିଆ ଉପରୋକ୍ତ କାର୍ଯ୍ୟଟିକୁ ଆରମ୍ଭ କରିବାରେ ବିଳମ୍ବ କରିବାରୁ ତାଙ୍କୁ ଉକ୍ତ କାର୍ଯ୍ୟାଳୟ ଚିଠି ସଂଖ୍ୟା-୨୯୧୮ ତା ୨୦.୦୧.୨୦୨୩ ରିଖରେ କାରଣ ଦର୍ଶାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଶ୍ରୀ ମଲିଆ ଚିଠି ସଂଖ୍ୟା-୧ ତା ୦୭.୦୨.୨୦୨୩ ରିଖରେ ଜଣାଇଥିଲେ କି ଉକ୍ତ ଜାଗାରେ ଡ୍ରେନ୍ କାମ ଚାଲିଥିଲା ଏବଂ ମୁନିସିପାଲ୍ ନିର୍ବାଚନ ଆଚରଣବିଧି ଥିବାରୁ କାର୍ଯ୍ୟ ଆରମ୍ଭ ହୋଇପାରିନଥିଲା । ଏଥି ମଧରେ ଏକ ବର୍ଷ ବିତିଯାଇଥିବାରୁ ଉକ୍ତ ୱାର୍ଡ଼ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଉକ୍ତ କାର୍ଯ୍ୟଟିର ଚୁକ୍ତି ରଦ୍ଦ କରି ଶ୍ରୀ ମଲିଆ ଦେଇଥିବା ISD କୁ ବାଜ୍ୟାପ୍ତି କରିବା ପାଇଁ ପ୍ରସ୍ତାବ ଦେଇଥିଲେ ।

ଉକ୍ତ ପ୍ରସ୍ତାବକୁ ଭିତିକରି କାର୍ଯ୍ୟାଳୟ ଆଦେଶ ସଂଖ୍ୟା-୬୪୪୮ ତା ୦୮.୦୨.୨୦୨୩ ରିଖ ଅନୁଯାୟୀ ଶ୍ରୀ ମଲିଆ ଦେଇଥିବା ISD କୁ ବାଜ୍ୟାପ୍ତି କରାଯାଇ ଉକ୍ତ କାର୍ଯ୍ୟଟିର ଚୁକ୍ତି ରଦ୍ଦ କରାଯାଇଥିଲା ।

ସଭାପତିଙ୍କ ଅନୁମତି କ୍ରମେ ପ୍ରଶ୍ନକର୍ତ୍ତା କହିଥିଲେ ଯେ, ସାତ ଦିନ ମଧରେ APS/ISD ନଦେଲେ କାହିଁକି ତାଙ୍କର ନିବିଦା ରଦ୍ଦ କରାଯାଉନାହିଁ ବୋଲି ଜାଣିବାକୁ ଚାହିଁଥିଲେ । ତାଙ୍କୁ ସମର୍ଥନ କରି କର୍ପୋରେଟର ଶ୍ରୀମତୀ ବିନୟିନୀ ଜେନା କହିଥିଲେ ଯେ, ବହୁ ଦିନ ହେବ ଟେଣ୍ଡର ହେଲାଣି କିନ୍ତୁ କାର୍ଯ୍ୟାଦେଶ ଦିଆଯାଉନାହିଁ । ଏହା ଉପରେ ଆଲୋଚନା କରାଗଲା । ଏବେ ଠାରୁ କୌଣସି ଠିକାଦାର ୭ ଦିନ ମଧରେ APS/ISD ନଦେଲେ ସେମାନଙ୍କର ନିବିଦା ରଦ୍ଦ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଅମରେଶ ଜେନା କହିଥିଲେ ଯେ, ସଭାପତିଙ୍କ ଅନୁମତି ନନେଇ କେହି ଜଣେ ଗୃହର ଭିଡ଼ିଓ ଉତୋଳନ କରି ବାହାରକୁ ପଠାଇଛନ୍ତି ନାହା Pvt. TV Channel ରେ ପ୍ରସାରିତ ହେଉଅଛି ଏବଂ ମୋବାଇଲ୍‌ରୁ ମୋବାଇଲ୍ ଘୁରି ବୁଲୁଛି । ଏହାଦ୍ୱାରା ଗୃହର ମର୍ଯ୍ୟାଦା ହାନି ହେଉଅଛି, ତାଙ୍କୁ ତୁରନ୍ତ ଚିହ୍ନଟ କରି ତାଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଥିଲେ । ତାଙ୍କୁ କର୍ପୋରେଟର ସର୍ବ ଶ୍ରୀ/ଶ୍ରୀମତୀ ଶ୍ରୀ ଶ୍ରୀଧର ବେହେରା, ବିରଂଚି ନାରାୟଣ ମହାସୁପକାର, ଅଜିତ୍ କୁମାର ବେହେରା, ଇତିଶ୍ରୀ ଦାସ, ପ୍ରୀତିନନ୍ଦା ରାଉତରାୟ, ଛବି ଦାଶ, ମାନସୀରାଣୀ ସୁନ୍ଦରାୟ, ଭାରତୀ ସିଂ, ବିନୟିନୀ ଜେନା, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ଆଦି କର୍ପୋରେଟର ସମର୍ଥନ

କରିଥିଲେ । ଏହା ଉପରେ ଆଲୋଚନା କରାଗଲା । ସଭାପତିଙ୍କ ବିନା ଅନୁମତିରେ ଗୃହରେ ଫଟୋ ଉତୋଳନ କରି ତାହା ଗଣ ମାଧମରେ ପ୍ରସାରିତ ହେଉଥିବାରୁ ଏହା ଗୃହର ମର୍ଯ୍ୟାଦା ହାନି ହୋଇଥିବାରୁ ଏଭଳି କାର୍ଯ୍ୟକୁ ସର୍ବ ସମ୍ମତିକ୍ରମେ ନିନ୍ଦା କରାଗଲା ।

ପୁନର୍ବାର ଓଡ଼ିଶା ମୁନିସିପାଲ୍ ପ୍ରୋସିଡ଼ିୟୋର୍ ଆଣ୍ଡ୍ କଣ୍ଡକ୍ଟ ଅଫ୍ ବିଜିନେସ୍ ର ରୁଲ୍ ୧୯ ଓ ୨୦ ଅନୁଯାୟୀ ଗୃହ କାର୍ଯ୍ୟ ଚାଲୁଥିବା ସମୟରେ ସମସ୍ତେ ଶୃଙ୍ଖଳା ରକ୍ଷା କରିବା ଉଚିତ୍ । ଏଥିରେ କେହି ବ୍ୟତିକ୍ରମ କଲେ ତାଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ କର୍ପୋରେସନ ବୈଠକ ଗୃହ ମଧକୁ କେହି ମୋବାଇଲ୍ ଫୋନ୍ ଆଣିପାରିବେ ନାହିଁ/ ଯଦି କେହି ଆଣିଥିବେ ତେବେ ତାଙ୍କର ମୋବାଇଲ୍ ଫୋନ୍ ସଭାପତିଙ୍କ ନିକଟରେ ଦାଖଲ କରିବେ ବୋଲି ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରଶ୍ନ-୨(୪). ସଭାପତି ମହାଶୟା ଗତ ନଭେମ୍ବର ମାସ ବୈଠକରେ ୨୦୧୩-୧୪ ଆର୍ଥିକ ବର୍ଷ ଠାରୁ ୨୦୨୦-୨୧ ଆର୍ଥିକ ବର୍ଷ ମଧରେ (Solid Waste Management) ବର୍ଜ୍ୟବସ୍ତୁ ପରିଚାଳନା ବାବଦରେ ମହାନଗର ନିଗମ ଅର୍ଥରେ କିଛି ଅନିୟମିତତା ଦେଖାଯାଇଥିଲା ଯାହାକି ଲୋକାଲ୍ ଫଣ୍ଡ୍ ଅଡ଼ିଟ ତାଙ୍କ ରିପୋର୍ଟରେ ପରିଷ୍କାର ଭାବେ ଦର୍ଶାଇଥିଲେ । ଏହି ବାବଦରେ ମୁଁ କିଛି Information ଜାଣିବାକୁ ଚାହିଁଥିଲି ଯାହାକି ଆଜିଯାଏ କର୍ପୋରେସନରେ ଉପସ୍ଥାପନ ହୋଇପାରି ନାହିଁ । ମୁଁ ମୋ ନିଜ ଚେଷ୍ଟାରେ ଉପରୋକ୍ତ ପ୍ରଶ୍ନର ଉତର ଆପଣଙ୍କ ପାଖରେ ଉପସ୍ଥାପନ କରୁଛି ।

| Sl.No. | Report No. | Para No. | Amount shown as excess, wasteful expenditure & held under objection | Remarks |
|---|---|---|---|---|
| 1. | 614/2012-13 | 14.21 | Rs.1,34,40,553.00 | |
| 2. | 614/2012-13 | 14.22 | Rs.1,62,03,424.00 | |
| 3. | 14556/2013-14 | 14.73 | Rs.2,64,31,900.00 | |
| 4. | 14556/2013-14 | 14.74 | Rs.17,93,580.00 | |
| 5. | 14556/2013-14 | 14.75 | Rs.6,15,55,322.00 | |
| 6. | 48099/2014-15 | 14.29 | Rs.25,81,920.00 | |
| 7. | 48099/2014-15 | 14.30 | Rs.21,30,809.00 | |
| 8. | 48099/2014-15 | 14.31 | Rs.22,19,430.00 | |
| 9. | 48099/2014-15 | 14.32 | Rs.47,71,605.00 | |
| 10. | 48099/2014-15 | 14.33 | Rs.8,80,56,123.00 | |
| 11. | 48099/2014-15 | 14.34 | Rs.1,61,05,286.00 | |
| 12. | 48099/2014-15 | 14.35 | Rs.4,53,66,214.00 | |
| 13. | 48099/2014-15 | 14.36 | Rs.38,36,658.00 | |
| 14. | 48099/2014-15 | 14.37 | Rs.24,01,20,585.00 | Non production of Records |
| 15. | 114402/2015-16 | 14.33 | Rs.8,99,67,594.00 | |
| 16. | 114402/2015-16 | 14.42 | Rs.8,75,58,786.00 | |
| 17. | 114402/2015-16 | 14.43 | Rs.16,74,10,857.00 | Non production of Records |
| 18. | 114402/2015-16 | 14.44 | Rs. 6,65,61,467.00 | |
| 19. | 114402/2015-16 | 14.45 | Rs.10,76,51,099.00 | |
| 20. | 194671/2016-17 | 14.44 | Rs.10,46,21,716.00 | |
| 21. | 194671/2016-17 | 14.45 | Rs. 12,78,051.00 | |
| 22. | 194671/2016-17 | 14.46 | Rs. 95,459.00 | |
| 23. | 194671/2016-17 | 14.50 | Rs.25,88,66,721.00 | |

| | | | |
|---|---|---|---|
| 24. | 194671/2016-17 | 14.51 | Rs.11,30,44,832.00 |
| 25. | 296458/2017-18 | 14.2 | Rs.10,85,363.00 |
| 26. | 296458/2017-18 | 14.3 | Rs.1,24,80,074.00 |
| 27. | 296458/2017-18 | 14.4 | Rs.14,09,638.00 |
| 28. | 296458/2017-18 | 14.8 | Rs.10,55,39,384.00 |
| 29. | 386026/2018-19 | 14.6 | Rs.65,219.00 |
| 30. | 386026/2018-19 | 14.7 | Rs.8,42,01,993.00 |
| 31. | 386026/2018-19 | 14.8 | Rs.1,23,06,060.00 |
| 32. | 386026/2018-19 | 14.9 | Rs.25,46,460.00 |
| 33. | 386026/2018-19 | 14.11 | Rs.40,000.00 |
| 34. | 576405/2020-21 | 14.10 | Rs.8,00,096.00 |
| 35. | 576405/2020-21 | 14.11 | Rs.10,26,829.00 |
| 36. | 576405/2020-21 | 14.16 | Rs.1,23,01,210.00 |
| 37. | 576405/2020-21 | 14.17 | Rs.3,79,60,764.00 |
| 38. | 576405/2020-21 | 14.20 | Rs.3,38,70,464.00 |
| 39. | 576405/2020-21 | 14.21 | Rs.13,70,42,553.00 |
| 40. | 576405/2020-21 | 14.22 | Rs.50,23,43,451.00 |
| | | | Total-Rs.242,66,39,449.00 |

ଏଣୁ ମୁଁ ଉପରୋକ୍ତ ଲୋକାଲ୍ ଫଣ୍ଡ ଅଡ଼ିଟ୍ ସଲିଡ୍ ୱେଷ୍ଟ ମ୍ୟାନେଜ୍‌ମେଂଟ ଖର୍ଚ୍ଚରେ ଦର୍ଶାଇଥିବା Objection ବାବଦରେ ସବିଶେଷ ବିବରଣୀ କର୍ପୋରେସନରେ ଉପସ୍ଥାପନ କରିବାକୁ ଅନୁରୋଧ କରୁଛି ।

ଉତ୍ତର-୨(୪). ଶ୍ରୀଯୁକ୍ତ ନୃପେଶ କୁମାର ନାୟକ କର୍ପୋରେଟର ମହାଶୟଙ୍କ ଦ୍ୱାରା ନଭେମ୍ବର ମାସ ବୈଠକରେ ଆଗତ କରାଯାଇଥିବା ପ୍ରଶ୍ନ ଅନୁସାରେ ପୂର୍ବତନ ମୁଖ୍ୟ ସମୀକ୍ଷା ଅଧିକାରୀ ପତ୍ରସଂଖ୍ୟା-୫୭୦୯୨ ତା ୦୬.୧୨.୨୦୨୨ ରିଖରେ ଖୋର୍ଦ୍ଧା ଜିଲ୍ଲା ସମୀକ୍ଷା ଅଧିକାରୀଙ୍କୁ ଅନୁରୋଧ କରିଥିଲେ ଯେ ଆର୍ଥିକ ବର୍ଷ ୨୦୧୩-୧୪ ଠାରୁ ୨୦୨୦-୨୧ ପର୍ଯ୍ୟନ୍ତ ଯେଉଁ ସମୀକ୍ଷା ରିପୋର୍ଟ ବର୍ଷଓ୍ୱାରୀ ବିବରଣୀରେ **held under objection** ନାମରେ ଦର୍ଶାଇଥିଲେ ତାହାର ଏକ ସମ୍ପୂର୍ଣ୍ଣ ବିବରଣୀ ଦେବାପାଇଁ ଅନୁରୋଧ କରାଯାଇଅଛି ।

ମୁଖ୍ୟ ସମୀକ୍ଷା ଅଧିକାରୀ ତା୨୩.୧୨.୨୦୨୨ ରିଖରେ ବଦଳି ହୋଇ ଚ୍ଳଲିଗଲା ପରେ ବର୍ତ୍ତମାନ ଦାୟିତ୍ୱରେ ଥିବା ମୁଖ୍ୟ ସମୀକ୍ଷା ଅଧିକାରୀ ନିଜେ ଯାଇ ଉତର ଦେବାପାଇଁ ଅନୁରୋଧ କରିଥିଲେ ତାଙ୍କର ଉତର ଏହା ଥିଲା ଯେ ସ୍ୱଳ୍ପ ସଂଖ୍ୟକ Audit staff ହେତୁ ତାଙ୍କ ଦପ୍ତରରେ ଏହାର ବର୍ଷଓ୍ୱାରୀ କେତେ ପରିମାଣର ଅଡ଼ିଟ୍ କରିସାରିଛନ୍ତି ଏବଂ ଆଉ କେତେ ପରିମାଣରେ drop ହୋଇଯାଇଛି, ଆଉ କେତେ ପରିମାଣର ଫାଇଲ୍ କେଉଁ କେଉଁ ବର୍ଷରେ ଅଡ଼ିଟ୍ କରିବା ପାଇଁ ଦିଆଯାଇଛି ଏବଂ କେତେ ପରିମାଣର ସର୍ବମୋଟକୁ କମାଇ ଦିଆଯାଇଛି । ଏହିସବୁ ତଥ୍ୟକୁ ବାହାର କରି ସଠିକ୍ ତଥ୍ୟ ଦେବାକୁ ହେଲେ ଅତି କମ୍‌ରେ ୬ ମାସ ସମୟ ଦରକାର ।

ବର୍ତ୍ତମାନର ମୁଖ୍ୟ ସମୀକ୍ଷା ଅଧିକାରୀ ଜଣାଇଛନ୍ତି ଯେ ଯେଉଁ ଯେଉଁ ଫାଇଲ୍ ଗୁଡ଼ିକରେ ବର୍ଜ୍ୟବସ୍ତୁ ପରିଚ୍ଳଳନା ନିମନ୍ତେ ଅର୍ଥ ଦିଆଯାଇଛି, ସେହି ଫାଇଲ୍ ଗୁଡ଼ିକ ସେହି ସେହି ଉପବିଭାଗ ଗୁଡ଼ିକୁ ଅନୁରୋଧ କରି ବର୍ତ୍ତମାନ ଚ୍ଳଲୁ ରହିଥିବା ଅଡ଼ିଟ୍ ଟିମ୍‌କୁ ଅଡ଼ିଟ୍ କରିବା ପାଇଁ ଅନୁରୋଧ କରାଯିବ ଏବଂ ବର୍ଷଓ୍ୱାରୀ ସମ୍ପୂର୍ଣ୍ଣ ତଥ୍ୟ ଖୋର୍ଦ୍ଧା ସମୀକ୍ଷା ଅଧିକାରୀଙ୍କ ଠାରୁ ପାଇଲା ପରେ ଯଥାସାଧ ପଦକ୍ଷେପ ନେଇ ଏହାର ସବିଶେଷ ତଥ୍ୟ ଆସନ୍ତା ୫ ମାସ ମଧ୍ୟରେ ଗୃହରେ ଉପସ୍ଥାପନ କରାଯାଇପାରିବ ।

ପ୍ରଶ୍ନ-୨(୫). ସଭାପତି ମହାଶୟା ଦୟାକରି ଗୃହକୁ ଜଣାଇବେ କି, ହୋଲ୍‌ଡ଼ିଂ ଟ୍ୟାକ୍ସ କଲେକ୍ସନ୍ ବି.ଏମ୍.ସି ଅର୍ଥ ପାଣ୍ଠି (ତହବିଲ) ର ମୁଖ୍ୟ ଭାଗ । କିନ୍ତୁ ଦୁଃଖର ବିଷୟ ବି.ଏମ୍.ସି କର୍ମଚ୍ଚାରୀମାନେ ସେଥିପ୍ରତି ଠିକଣା ଭାବେ ଦୃଷ୍ଟି ଦେଉନାହାଁନ୍ତି ବା କାମ କରୁନାହାଁନ୍ତି । ଉଦାହରଣତଃ ଆମ ୱାର୍ଡ ନଂ-୫୫ ର ଜଣେ Gyning Doctor ଦୀର୍ଘ ୩୦ ବର୍ଷରୁ ଅଧିକ ଧରି ଏକ ନର୍ସିଂହୋମ୍ ନାଗେଶ୍ୱର ଟାଙ୍ଗୀ ଅଂଚଳରେ ଖୋଲିଛନ୍ତି । ବି.ଏମ୍.ସି ରୁ ସମସ୍ତ

ପ୍ରକାର ସେବା ପାଇ ମଧ୍ୟ ଠିକଣା ଭାବେ ହୋଲ୍ଡିଂ ଟ୍ୟାକ୍ସ ପଇଠ କରନ୍ତି ନାହିଁ । ମୋର ଦାୟିତ୍ୱ ସ୍ୱରୂପ ମୁଁ ତାର ମାଲିକ ଶ୍ରୀ ବାଳକୃଷ୍ଣ ଦାସଙ୍କୁ ୨୦୦୯ ବର୍ଷ ଠାରୁ ଠିକଣା ଭାବେ ପଇଠ କରିବା ପାଇଁ ବାରମ୍ବାର ଅନୁରୋଧ କରିଆସିଛି । ୨୦୦୩ ବର୍ଷ ଠାରୁ ୨୦୨୨ ମଧ୍ୟରେ ପୁରୁଣା ସ୍ଥିରୀକୃତ ହୋଲ୍ଡିଂ ଟ୍ୟାକ୍ସ ରେଟ୍ ଅନୁଯାୟୀ ତାଙ୍କ ଉପରେ ଟ ୪,୦୦,୦୦୦/- ର (Revision Tax in old rate) ବକେୟା ରହିଥିଲା ଯାହାକି ସେ ପଇଠ ନକରି ମହାନଗର ନିଗମ ବିରୁଦ୍ଧରେ ହାଇକୋର୍ଟରେ କେସ୍ କରିଥିଲେ । ଦୁର୍ଭାଗ୍ୟବଶତଃ ବି.ଏମ୍.ସି ର ଟାଣୁଆ ଓକିଲ(Lawyer) ମାନେ ହାଇକୋର୍ଟରେ କେସ୍‌ଟି ହାରିଯାଇଥିଲେ । ପୁନର୍ବାର ବି.ଏମ୍.ସି ବୁଦ୍ଧିମତାର ପରିଚୟ ଦେଇ ଏହି ଅର୍ଡ଼ର୍ ବିରୁଦ୍ଧରେ ସୁପ୍ରିମ୍ କୋର୍ଟ ଯାଇଥିଲେ । ବି.ଏମ୍.ସି ର ବିଚକ୍ଷଣ ଓକିଲ ସୁପ୍ରିମ୍ କୋର୍ଟରେ କେସ୍ ଦାଖଲ ପାଇଁ ପ୍ରାୟ ଟ ୧,୫୦,୦୦୦/- fees ନେଇଥିଲେ, କିନ୍ତୁ କେସ୍ ବେଳକୁ Attorney General ଙ୍କୁ ବି.ଏମ୍.ସି ପକ୍ଷ ରଖିବା ପାଇଁ advice କରିଥିଲେ ଏବଂ ଏଥିପାଇଁ ଟ ୮,୦୦,୦୦୦/- fees Attorney General ଙ୍କୁ ଦିଆଯାଇଥିଲା । ସୌଭାଗ୍ୟବଶତଃ ବା ଦୁର୍ଭାଗ୍ୟବଶତଃ ମହାନଗର ନିଗମ ଟ ୪,୦୦,୦୦୦/- ହୋଲ୍ଡିଂ ଟ୍ୟାକ୍ସ ଆଦାୟ କରିବା ପାଇଁ ଟ ୧୦,୦୦,୦୦୦/- ରୁ ଉର୍ଦ୍ଧ୍ୱ ଓକିଲଙ୍କୁ ପାରିଶ୍ରମିକ ଦେଇଥିଲେ । ପରିଶେଷରେ ସୁପ୍ରିମ୍ କୋର୍ଟ, ହାଇକୋର୍ଟର ରାୟ (2003 to 2022 Holding Tax on Nurshing Home is nill & void) ଅର୍ଥାତ୍ ମହାନଗର ନିଗମ ଟ ୧୦,୦୦,୦୦୦/- ବିନିମୟରେ ଶୂନ ଟଙ୍କା ପାଇଥିଲା । ଏହି ବାବଦରେ ସବିଶେଷ ବିବରଣୀ ଗୃହରେ ଉପସ୍ଥାପନ କରିବାକୁ ଅନୁରୋଧ ।

ଉତ୍ତର-୨(୫). ରେକର୍ଡ଼ ଅନୁଯାୟୀ ଡ଼. ବାଳକୃଷ୍ଣ ଦାସ କରିଥିବା Annapurna Memorial Charitable Trust for Medical Scheme Holding No.-2423 ୱାର୍ଡ଼ ନଂ-୫୫ ରେ ଅବସ୍ଥିତ । ଏହାର ହୋଲ୍ଡିଂ ଟିକସ ବାବଦକୁ ୨୦୧୦ ମସିହା ଜାନୁୟାରୀ ମାସ ଠାରୁ ବାର୍ଷିକ ଟ ୨,୫୨,୮୩୬/- ଧାର୍ଯ୍ୟ ହୋଇ ପର୍ଯ୍ୟାୟ କ୍ରମେ ୨୦୨୦-୨୧ ମସିହା ପର୍ଯ୍ୟନ୍ତ ଗୃହ ଟିକସ ଚେକ୍ ମାଧ୍ୟମରେ ମୋଟ ଟ ୨୬,୫୪,୭୭୮/- ଆଦାୟ କରାଯାଇଅଛି । ଚେକ୍ ମାଧ୍ୟମରେ ଆଦାୟ କରାଯାଇଥିବା ଗୃହ ଟିକସର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା ।

Ch. No.-63677,dt.29.02.2020, Rs.11,37,762/-, Ch. No.-000018,dt.18.02.2022, Rs.7,58,508/-, Ch. No.-000054,dt.07.12.2022, Rs.7,58,508/-,**Total Rs.26,54,778/-** ଅଦ୍ୟାବଧି ତାଙ୍କ ଉପରେ ଗୃହ ଟିକସ ବାବଦକୁ ବକେୟା (୨୦୨୧-୨୨ ଏବଂ ୨୦୨୨-୨୩) ଟ୫,୦୫,୬୭୨/- ରହିଅଛି । ଉକ୍ତ ଟିକସକୁ ଆଦାୟ କରିବା ପାଇଁ ୱାର୍ଡ଼ ଅଫିସର ବ୍ୟକ୍ତିଗତ ଭାବେ ତାଙ୍କୁ ଯୋଗାଯୋଗ କରିବାରୁ ସେ ମାର୍ଚ୍ଚ ୧୫ ତାରିଖ ସୁଧା ପଇଠ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଉକ୍ତ ଗୃହ ଟିକସ ଉପରେ କେସ୍ ସମ୍ବନ୍ଧୀୟ ତଥ୍ୟ ସଂଲଗ୍ନ କରାଗଲା ।

ସଭାପତିଙ୍କ ଅନୁମତି କ୍ରମେ ପ୍ରଶ୍ନକର୍ତ୍ତା କହିଥିଲେ ଯେ, ଆମେ ୱାର୍ଡ଼ ବଜେଟ୍ ପାଇଁ ଦାବି କରୁଅଛେ । ସେହିଭଳି ନିଗମର ରାଜସ୍ୱ ବୃଦ୍ଧି କରିବା ପାଇଁ ମଧ୍ୟ ଚେଷ୍ଟା କରିବା ଆବଶ୍ୟକ । ତାଙ୍କୁ ସମର୍ଥନ କରି କର୍ପୋରେଟର ଶ୍ରୀମତୀ ମାନସୀରାଣୀ କହିଥିଲେ ଯେ, ଆଗରୁ ନିଷ୍ପତି ହୋଇଥିଲା ବଡ଼ ବଡ଼ Tax defaulter ମାନଙ୍କ ଠାରୁ ରାଜସ୍ୱ ଆଦାୟ କରିବା ପାଇଁ ଏବଂ ସେମାନଙ୍କ କପି ମାନନୀୟା ମେୟର ଓ କର୍ପୋରେଟର ମାନଙ୍କୁ ଦେଲେ ଆମ୍ଭେମାନେ ଚେଷ୍ଟା କରିବୁ । ଏହା ଉପରେ ଆଲୋଚନା କରାଗଲା । ବଡ଼ ବଡ଼ Tax **defaulter** ମାନଙ୍କ ଠାରୁ ରାଜସ୍ୱ ଆଦାୟ କରିବା ପାଇଁ ଏବଂ ତାହାର ଏକକିତା ଲେଖାଏଁ କପି କର୍ପୋରେଟର ମାନଙ୍କୁ ଦେବାପାଇଁ ଉପ ଆୟୁକ୍ତ, ରାଜସ୍ୱଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଗଲା ଏବଂ ଯେଉଁମାନେ ଟିକସ ନଦେବେ ସେମାନଙ୍କ ବିରୁଦ୍ଧରେ ଆଂଚଳିକ ଅଧିକାରୀମାନେ OPDR Act ଅନୁଯାୟୀ କେସ୍ କରିବେ ଏବଂ Property Tax Rule ତିଆରି କରିବା ପାଇଁ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀ ସନ୍ତୋଷ କୁମାର ସିଂହ, ୱାର୍ଡ଼ ନଂ-୫୭</u>

ପ୍ରଶ୍ନ-୨(୬). ମୋ ୱାର୍ଡ଼ ନଂ-୫୭ ରେ ସ୍ୱଚ୍ଛସାଥିମାନେ ଫିଲଡ଼ି କୁ ଯାଇ କାମ କରୁନାହାଁନ୍ତି, ଘର ଆଗରେ ରହି ଗୋଟିଏ ଫଟୋ ଉଠାଇ ଗ୍ରୁପ୍‌ରେ ଛାଡ଼ି ଦେଉଛନ୍ତି, ସୁପରଭାଇଜର ସେମାନଙ୍କର କାମ ଠିକ୍ ଭାବେ ତଦାରଖ

କରୁନାହିଁ । ଏପରିକି ସାନିଟାରି ଇନିସ୍‌ପେକ୍ଟର ଏବଂ ୱାର୍ଡ଼ ଅଫିସର୍ ମାନେ ତାଙ୍କୁ ନିର୍ଦ୍ଦେଶ ଦେବା ସତ୍ତ୍ୱେ କାମ କରୁନାହାଁନ୍ତି ବରଂ ସେମାନେ ୱାର୍ଡ଼ ଅଫିସର ଓ ସାନିଟାରି ଇନିସ୍‌ପେକ୍ଟର ମାନଙ୍କୁ ଖରାପ ବ୍ୟବହାର କରୁଛନ୍ତି । ଏ ସମ୍ବନ୍ଧରେ ମୁଁ ୪ ମାସ ଆଗରୁ ZDC (S.E) ଙ୍କୁ ପତ୍ର ମାଧ୍ୟମରେ ଜଣାଇଥିଲେ ମଧ ଉକ୍ତ ସ୍ୱଚ୍ଛସାଥି/ ସ୍ୱଚ୍ଛ ସୁପରଭାଇଜରଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ କାହିଁକି ?

ଗତ ସପ୍ତାହରେ ତା ୦୯.୦୨.୨୦୨୩ ରିଖରେ ସେମାନଙ୍କର କାର୍ଯ୍ୟର ତଦାରଖ କରିବାରୁ, ମୋ ୱାର୍ଡ଼ର ସାନିଟାରି ଇନିସ୍‌ପେକ୍ଟରଙ୍କୁ ସେମାନେ ଅଭଦ୍ର ଭାଷାରେ ଗାଳି ଦେବା ସହିତ ଜୀବନରୁ ମାରିଦେବା ପାଇଁ ଧମକ ଦେଇଛନ୍ତି । ଏ ବିଷୟରେ ମୁଁ ZDC (S.E) ଏବଂ ଉପ ଆୟୁକ୍ତ, ପରିମଳଙ୍କୁ ଅବଗତ କରିଅଛି, କିନ୍ତୁ ଫଳ ଶୂନ୍ ।

ମୋ ୱାର୍ଡ଼ରେ ସଚେତନତା ଠିକ୍ ଭାବେ କରାଯାଉନଥିବାରୁ, ଏବେ ମଧ ଲୋକମାନେ ବାହାରେ ଅଳିଆ ପକାଉଛନ୍ତି, ଫଳରେ Garbage Vulnerable Point ସଂଖ୍ୟା କମୁନାହିଁ । ମୋ ୱାର୍ଡ଼ରେ କାମ କରୁଥିବା ସ୍ୱଚ୍ଛସାଥି/ ସ୍ୱଚ୍ଛ ସୁପରଭାଇଜର ମାନେ ଠିକ୍ ଭାବେ କାମ ନ କରୁଥିବା ସତ୍ତ୍ୱେ ସେମାନଙ୍କର ୱାର୍କ ସାର୍ଟିଫିକେଟ୍ କିଏ ଦେଉଛନ୍ତି, ସେ ପଇସା କାହାଠାରୁ ଆଦାୟ କରାଯିବ ? ସେମାନଙ୍କ ବିରୁଦ୍ଧରେ ବାରମ୍ବାର କହିବା ପରେ ମଧ ସେମାନଙ୍କର କାମକୁ କାହିଁକି ତଦାରଖ କରି ସେମାନଙ୍କ ଉପରେ ଆକ୍ସନ୍ ନିଆଯାଉନାହିଁ ?

ଉତ୍ତର-୨(ଚ). ୱାର୍ଡ଼ ନଂ-୫୭ କର୍ପୋରେଟର ମହୋଦୟଙ୍କୁ ଜଣେ ସ୍ୱଚ୍ଛସାଥି ସର୍ବସାଧାରଣରେ ତାଙ୍କ ଅନୁପସ୍ଥିତିରେ ତାଙ୍କ ବିରୁଦ୍ଧରେ ଖରାପ ଭାଷା ପ୍ରୟୋଗର ଅଭିଯୋଗ ଆଣିଥିଲେ । ଉକ୍ତ ୱାର୍ଡ଼ର ୱାର୍ଡ଼ ଅଫିସରଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ୱାର୍ଡ଼ ଅଫିସରଙ୍କର ରିପୋର୍ଟକୁ ଆଧାର କରି ସମ୍ପୃକ୍ତ ସ୍ୱଚ୍ଛସାଥିଙ୍କୁ କାରଣ ଦର୍ଶାଅ ନୋଟିସ୍ ଦିଆଯାଇଅଛି । ପ୍ରତି ଉତର ମିଳିଲା ପରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ।

ତା ୦୯.୦୨.୨୦୨୩ ରିଖରେ ସ୍ୱଚ୍ଛସାଥି ଏବଂ ଅନ୍ୟ ଜଣେ ବ୍ୟକ୍ତି ପରିମଳ ନିରୀକ୍ଷକଙ୍କୁ ୩ ଦିନର Incentive କାଟିବା କଥାକୁ ନେଇ ଟେଲିଫୋନ୍ ମାଧ୍ୟମରେ ଗାଳି ଧମକ ଦେଇଥିଲେ । ଉପରୋକ୍ତ କାରଣ ପାଇଁ ସମ୍ପୃକ୍ତ ସ୍ୱଚ୍ଛସାଥିଙ୍କୁ କାରଣ ଦର୍ଶାଅ ନୋଟିସ୍ ଦିଆଯାଇଅଛି । ପ୍ରତି ଉତର ମିଳିଲା ପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

କର୍ପୋରେଟର ଏବଂ ପରିମଳ ନିରୀକ୍ଷକଙ୍କ ଅନୁରୋଧ କ୍ରମେ ସ୍ୱଚ୍ଛ ସୁପରଭାଇଜରଙ୍କୁ ତା ୨୦.୧୨.୨୦୨୨ ରିଖରେ ବଦଳି କରାଯାଇଛି । ୱାର୍ଡ଼ ଅଫିସର, ସାନିଟାରୀ ଇନିସ୍‌ପେକ୍ଟରଙ୍କର ମିଳିତ ସ୍ୱାକ୍ଷରରେ ସ୍ୱଚ୍ଛସାଥି ମାନଙ୍କର ୱାର୍କ ସାର୍ଟିଫିକେଟ୍ ପ୍ରତି ମାସରେ ଜୋନ୍ ଅଫିସ୍‌କୁ ପ୍ରଦାନ କରନ୍ତି । ତାହା ଉପରେ ପ୍ରୋତ୍ସାହନ ରାଶି ଦେବାପାଇଁ ବ୍ୟବସ୍ଥା କରାଯାଏ । ୱାର୍ଡ଼ର ସଚେତନତା ଠିକ୍ ଭାବରେ କରାଯିବା ଏବଂ ଲୋକମାନେ ବାହାରେ ଅଳିଆ ନ ପକାଇବା ପାଇଁ ପଦକ୍ଷେପ ନେବାପାଇଁ ୱାର୍ଡ଼ ଅଫିସର, ପରିମଳ ନିରୀକ୍ଷକ ଏବଂ ପରିମଳ ବିଶେଷଜ୍ଞଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ସଭାପତିଙ୍କ ଅନୁମତି କ୍ରମେ ପ୍ରଶ୍ନକର୍ତ୍ତା କହିଥିଲେ ଯେ, ସ୍ୱଚ୍ଛସାଥି ମାନେ କାମ କରୁନାହାଁନ୍ତି, ଅଳିଆ ସଫା ହେଉନାହିଁ ତାଙ୍କ ପ୍ରତି କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଜାଣିବାକୁ ଚାହିଁଥିଲେ । ଆଲୋଚନାରେ ଅଂଶଗ୍ରହଣ କରି କର୍ପୋରେଟର ଶ୍ରୀମତୀ ମାନସୀରାଣୀ ସୁନ୍ଦରାୟ କହିଥିଲେ ଯେ, ଜଣେ ସ୍ୱଚ୍ଛସାଥି କର୍ପୋରେଟରଙ୍କୁ ଅସମ୍ମାନ କରିଛନ୍ତି, ତାହାର enquiry ଦାୟିତ୍ୱ ୱାର୍ଡ଼ ଅଫିସରଙ୍କୁ ଦିଆଯାଇଅଛି, ଏହା ଠିକ୍ ହୋଇନାହିଁ । ଜଣେ ଅଧିକାରୀଙ୍କୁ enquiry ଦାୟିତ୍ୱ ଦିଆଯାଉ ବୋଲି ଦାବି କରିଥିଲେ । ଏହା ଉପରେ ଆଲୋଚନା କରାଗଲା । ଏହା ଉପରେ ଆଂଚଳିକ ଅଧିକାରୀ, ଦକ୍ଷିଣ-ପୂର୍ବ ତଦନ୍ତ କରି enquiry report ସାତ ଦିନ ମଧରେ ଦେବେ ଏବଂ ତାଙ୍କର ତଥ୍ୟ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ସ୍ୱଚ୍ଛସାଥି ମାନଙ୍କର SOP ର କପି ସମସ୍ତ କର୍ପୋରେଟର ମାନଙ୍କୁ ଦିଆଯିବ । ଦୁଇ ବର୍ଷରେ ଥରେ ସ୍ୱଚ୍ଛସାଥି ମାନଙ୍କର ପର୍‌ଫର୍‌ମାନ୍‌ସ ଯାଂଚ୍ କରାଯିବ, କୌଣସି ସ୍ୱଚ୍ଛସାଥି ମାନଙ୍କର ପର୍‌ଫର୍‌ମାନ୍‌ସ ଠିକ୍ ନଥିଲେ କିମ୍ବା କୌଣସି ସ୍ୱଚ୍ଛସାଥି ଖରାପ ବ୍ୟବହାର କଲେ ସେମାନଙ୍କୁ ସେବାରୁ ବାହାର କରିଦେବା ପାଇଁ ଏବଂ ସେମାନଙ୍କର Dress code କରାଯିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ଛବି ଦାଶ କହିଥିଲେ ଯେ, ଗୋଟିଏ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରେ ଚାରି ଜଣ ଲେଖାଏଁ ସ୍ୱଚ୍ଛସାଥି ରହିଛନ୍ତି ସେଥିପାଇଁ ସେମାନେ ମନଇଚ୍ଛା କାମ କରୁଛନ୍ତି ଓ ଅନ୍ୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସୁବିଧା ନପାଇ ଅଭିଯୋଗ ମଧ କରୁଛନ୍ତି ତେଣୁ ପ୍ରତ୍ୟେକ ଗୋଷ୍ଠୀରୁ ଜଣେ

ଲେଖାଏଁ ସ୍ୱଚ୍ଛସାଥି ରଖିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପୁନଃବାର ଶ୍ରୀମତୀ ଦାଶ କହିଥିଲେ ଯେ, ପୂର୍ବରୁ ତା ୨୮.୦୯.୨୦୨୨ ରିଖ କର୍ପୋରେସନ ନିର୍ଦ୍ଧାରଣ ସଂଖ୍ୟା-୬(୨) ରେ ନିଷ୍ପତି ହୋଇଥିଲା ଯେ, ପ୍ରତ୍ୟେକ କର୍ପୋରେଟର ଦୁଇ ଗୋଟି ପ୍ରଶ୍ନ ଓ ଦୁଇ ଗୋଟି ପ୍ରସ୍ତାବ ଦେବାପାଇଁ କିନ୍ତୁ ଆଜିର ବୈଠକରେ ପ୍ରଶ୍ନ ଓ ପ୍ରସ୍ତାବରେ ଅଧିକ ପ୍ରଶ୍ନ ଓ ପ୍ରସ୍ତାବ ଆସୁଅଛି, ଫଳରେ ଅନ୍ୟ କର୍ପୋରେଟର ସୁଯୋଗ ପାଉନାହାଁନ୍ତି । ଏହା ଉପରେ ଆଲୋଚନା କରାଗଲା । ପୂର୍ବ ନିଷ୍ପତି ଅନୁଯାୟୀ ଜଣେ କର୍ପୋରେଟର ଦୁଇ ଗୋଟି ପ୍ରଶ୍ନ ଓ ଦୁଇ ଗୋଟି ପ୍ରସ୍ତାବ ଦେବେ ତାହାଠାରୁ ଅଧିକ ଦେଲେ ତାହାକୁ ବାଦ୍ ଦେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ରାଜକିଶୋର ଦାସ କହିଥିଲେ ଯେ, ମୋ ୱାର୍ଡ଼ରେ ଥିବା ପାର୍କ ଗୁଡ଼ିକରେ ସିକ୍ୟୁରିଟି ବ୍ୟବସ୍ଥା ନଥିବାରୁ ସେଠାରେ ଅସାମାଜିକ ବ୍ୟକ୍ତି ଆଡ଼ା ଜମାଉଛନ୍ତି ଏବଂ ଜନସାଧାରଣଙ୍କୁ ଖରାପ ବ୍ୟବହାର କରୁଛନ୍ତି । ଏହା ଉପରେ ଆଲୋଚନା କରାଗଲା ଏବଂ ଏ ବିଷୟରେ ସ୍ମାର୍ଟସିଟି ଅଧିକାରୀଙ୍କୁ ଜଣାଇବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଅଜିତ୍ ବେହେରା କହିଥିଲେ ଯେ, ମୋ ୱାର୍ଡ଼ରେ କେତେ କିଲୋମିଟର ରାସ୍ତା ଅଛି ଓ ସେଥି ମଧ୍ୟରୁ ଭୁବନେଶ୍ୱର ମହାନଗର ନିଗମର କେତେ କିଲୋମିଟର ଏବଂ ଆର୍ ଆଣ୍ଡ୍ ବି ର କେତେ କିଲୋମିଟର ରାସ୍ତା ଅଛି । ମୋ ୱାର୍ଡ଼କୁ କେତେ ଜଣ ସଫେଇ କର୍ମଚାରୀ ଦିଆଯାଇଅଛି ତାହାର ତଥ୍ୟ ଦେବାପାଇଁ ଦାବି କରିଥିଲେ । ଏହା ଉପରେ ଆଲୋଚନା କରାଗଲା । କର୍ପୋରେଟର ମହୋଦୟଙ୍କୁ ରାସ୍ତା ସମ୍ବନ୍ଧୀୟ ତଥ୍ୟ ନଗର ଯନ୍ତ୍ରୀ ଓ ସଫେଇ କର୍ମଚାରୀଙ୍କ ତଥ୍ୟ ଉପ ଆୟୁକ୍ତ, ପରିମଳ ସାତ ଦିନ ମଧ୍ୟରେ ଦେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ପୂଜା ବେହେରା କହିଥିଲେ ଯେ, ମୋ ୱାର୍ଡ଼ର ସୀମାଙ୍କନ ହୋଇନଥିବାରୁ ପାଖ ୱାର୍ଡ଼ କର୍ପୋରେଟର ମୋ ୱାର୍ଡ଼ର ଏରିଆ ନାହିଁ ବୋଲି କହୁଛନ୍ତି । ଫଳରେ ମୋ ୱାର୍ଡ଼ରେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ କରିପାରୁନାହିଁ, ତେଣୁ ତାଙ୍କ ୱାର୍ଡ଼ର ସୀମାଙ୍କନ ଶୀଘ୍ର କରିବା ପାଇଁ ଦାବି କରିଥିଲେ । ଏହା ଉପରେ ଆଲୋଚନା କରାଗଲା । ଯେଉଁସବୁ ୱାର୍ଡ଼ର ସୀମା ବିବାଦ ଅଛି ସେସବୁକୁ ଗତ ପୌର ନିର୍ବାଚନ ସମୟରେ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ସୀମା ନିର୍ଦ୍ଧାରଣକୁ ଭିତି କରି ଆସନ୍ତା ତା ୨୦.୦୩.୨୦୨୩ ରିଖ ମଧ୍ୟରେ ସମାଧାନ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀମତୀ ଇତିଶ୍ରୀ ଦାସ, ୱାର୍ଡ଼ ନଂ-୧୩</u>

ପ୍ରଶ୍ନ-୨(୭). ସଭାପତି ମହାଶୟା ଦୟାକରି ଗୃହକୁ ଜଣାଇବେ କି, ତା ୨୩.୧୧.୨୦୨୨ ରିଖରେ ହୋଇଥିବା ସାଧାରଣ ବୈଠକରେ ମୋ ୱାର୍ଡ଼ ନଂ-୧୩ ରେ ଥିବା ହୋମିଓପାଥିକ୍ ଚିକିତ୍ସାଳୟଟି ବ୍ୟବହାର ଉପଯୋଗୀ ଅବସ୍ଥାରେ ନଥିବାରୁ ଏହାର ଉନ୍ନତିକରଣ ପାଇଁ ଆଲୋଚନା ଗୃହରେ ହୋଇଥିଲା ଏବଂ ତା ୦୫.୦୬.୨୦୨୨ ରିଖରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସିଟି ଇଞ୍ଜିନିୟର୍ ସାର୍‌ଙ୍କୁ ମଧ ଅବଗତ କରାଇଥିଲି କିନ୍ତୁ ଦୁଃଖର ବିଷୟ ୯ ମାସ ବିତି ଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଗଲା ନାହିଁ ଯାହା ଫଳରେ ରୋଗୀସେବା ବ୍ୟାହତ ହେଉଛି । କେବେ ସୁଦ୍ଧା କାର୍ଯ୍ୟ ଆରମ୍ଭ ହେବ ଜଣାଇବେ କି ?

ଉତ୍ତର-୨(୭). ୱାର୍ଡ଼ ନଂ-୧୩ ରେ ଥିବା ହୋମିଓପାଥିକ୍ ଚିକିତ୍ସାଳୟଟି ବର୍ତ୍ତମାନ ସେହି ସ୍ଥାନରେ ସୁରୁଖୁରୁପେ ପରିଚାଳିତ ହେଉଅଛି । ସେହିଠାରେ ଆବଶ୍ୟକ ଥିବା କିଛି Repair & Maintenance କାମ ଯଥା- Painting & Colouring to wall & boundary wall ଅନ୍ୟାନ୍ୟ ପାଇଁ ଅଟକଳ ସରିଯାଇଅଛି । ଯଥାଶୀଘ୍ର ଏହା କାର୍ଯ୍ୟ କରାଯିବ । ୱାଟ୍‌କୋ ଦ୍ୱାରା କିଛି କାର୍ଯ୍ୟ ପରିସର ମଧ୍ୟରେ ଚାଲୁ ରହିଥିଲା । ତେଣୁ ବିଳମ୍ବ ହୋଇଥିଲା, ବର୍ତ୍ତମାନ କାର୍ଯ୍ୟ କରାଯିବ ।

ପ୍ରଶ୍ନ-୨(୮). ସଭାପତି ମହାଶୟା ଦୟାକରି ଗୃହକୁ ଜଣାଇବେ କି, ମୋ ୱାର୍ଡ଼ରେ ଥିବା ଚାରି ଗୋଟି ପାର୍କ ମଧ୍ୟରୁ ଏମ୍.ଆଇ.ଜି-୨ ଠାରେ ତିନି ବର୍ଷ ତଳେ କାମ ସରିଥିଲେ ମଧ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ । ଆଉ ତିନି ଗୋଟି ପାର୍କ ଇଡ଼ବ୍ଲ୍ୟୁଏସ୍, ଏଲ୍ଆଇଜି, ଏମ୍.ଆଇ.ଜି-୨ ରେ ଅତି ଦୟନୀୟ ଅବସ୍ଥାରେ ପଡ଼ିରହିଛି । ଗତ ଡ଼ିସେମ୍ବର ତା ୦୩.୧୨.୨୦୨୨ ରିଖରେ କମିଶନର ସାର୍ ଏବଂ ବି.ଏମ୍.ସି ର ଏକ ଟିମ୍ ଏହି ପାର୍କ ଗୁଡ଼ିକ ପରିଦର୍ଶନ କରିବା ସମୟରେ ପାର୍କ ଗୁଡ଼ିକର ଅବସ୍ଥା ଦେଖି କମିଶନର ସାର୍ କ୍ଷୁବ୍ଧ ହେବା

ସହ ପାର୍କ ଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ଜଣେ ସଂସ୍ଥା କିପରି ନେଲା ଏବଂ କୌଣସି କାର୍ଯ୍ୟ ଠିକ୍ ଭାବରେ କରୁନାହିଁ ବୋଲି ଦେଖିଲା ପରେ ତୁରନ୍ତ ସେ ସଂସ୍ଥାର ଚୁକ୍ତିକୁ ବାତିଲ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଦୁଃଖର ବିଷୟ ୨ ମାସ ବିତି ଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ । କେବେ ସମ୍ପୃକ୍ତ ସଂସ୍ଥା ଠାରୁ ତିନୋଟି ପାର୍କର ଚୁକ୍ତିକୁ ବାତିଲ କରାଯାଇ ନୂତନ ସଂସ୍ଥା ମାନଙ୍କୁ ସୁଯୋଗ ଦିଆଯିବ ଜଣାଇବେ କି ?

ଉତ୍ତର-୨(୮). ୱାର୍ଡ଼ ନଂ-୧୩ ରେ ଥିବା ଚାରି ଗୋଟି ପାର୍କ ମଧ୍ୟରୁ ଏମ୍.ଆଇ.ଜି-୨ ପାର୍କଟିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି, ଏହାକୁ ଖୁବ୍ ଶୀଘ୍ର ସର୍ବସାଧାରଣଙ୍କ ପାଇଁ ଖୋଲାଯିବ । ଆଉ ତିନି ଗୋଟି ପାର୍କ ଇଡବ୍ଲ୍ୟୁଏସ୍, ଏଲଆଇଜି, ଏମ୍.ଆଇ.ଜି-୨ କୁ ମୂଳ ଅବସ୍ଥାରେ **BDA Colony Youth Sports & Cultural Association** କୁ ପାର୍କ ଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ହସ୍ତାନ୍ତରିତ କରାଯାଇଥିଲା । ଗତ ଡ଼ିସେମ୍ବର ତା ୦୩.୧୨.୨୦୨୨ ରିଖରେ କମିଶନର ଏବଂ ବି.ଏମ୍.ସି. ର ଏକ ଟିମ୍ ଏହି ପାର୍କ ଗୁଡ଼ିକ ପରିଦର୍ଶନ କରିବା ସମୟରେ ଏହି ଏଲଆଇଜି ପାର୍କର ରକ୍ଷଣାବେକ୍ଷଣ ଠିକ୍ ନଥିବାରୁ ଉକ୍ତ ପାର୍କର ଦାୟିତ୍ୱରେ ଥିବା ସଂସ୍ଥା ଠାରୁ ଚୁକ୍ତିକୁ ବାତିଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ବିଶ୍ୱ ପୁରୁଷ ହକି ଖେଳ ଥିବାରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିଲା । ଏଲଆଇଜି ପାର୍କ ଦାୟିତ୍ୱରେ ଥିବା ସଂସ୍ଥାର ଡ଼ିସେମ୍ବର-୨୦୨୨ ରେ ତାଙ୍କର ଚୁକ୍ତିପତ୍ର ରଦ୍ଦ କରାଯାଇଅଛି ।

ପ୍ରଶ୍ନ-୨(୯). ସଭାପତି ମହାଶୟା ଦୟାକରି ଗୃହକୁ ଜଣାଇବେ କି, ତା ୨୮.୧୨.୨୦୨୨ ରିଖରେ ହୋଇଥିବା ସାଧାରଣ ବୈଠକରେ ମୋ ୱାର୍ଡ଼ ନଂ-୧୩ ର ଅନନ୍ତ ବସ୍ତି ପଛପଟେ ଥିବା ୪ ଏକରର ଖାଲି ଜାଗାଟି ଖାଲ ଅବସ୍ଥାରେ ପଡ଼ିରହିଥିବାରୁ **C & D Waste** ପକାଇ ପୂର୍ଣ୍ଣ କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲି ଏବଂ ସେହି ଜାଗାଟିକୁ କମିଶନର ସାରଙ୍କ ସହ ଜେଡ଼ିସି ସାର୍ ଏବଂ ବି.ଏମ୍.ସି. ଟିମ୍ ପରିଦର୍ଶନ କରି ତୁରନ୍ତ ଖାଲଟିକୁ ପୂର୍ଣ୍ଣ କରିବା ପାଇଁ ପଦକ୍ଷେପ ନେବାକୁ କହିବା ସହ ସେହି ଜାଗାରେ ଏକ ଏମ୍‌ସିସି ଏବଂ ଜନସାଧାରଣଙ୍କ ପାଇଁ କିଛି ଉନ୍ନତି ଯୋଜନା କରିବା ପାଇଁ କମିଶନର ସାର୍ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ବର୍ତ୍ତମାନ ସୁଧା ସେହି ଜାଗାରେ କୌଣସି ପ୍ରକାର ଅଗ୍ରଗତି ହେଲାନାହିଁ । କେବେ କାର୍ଯ୍ୟ ଆରମ୍ଭ ହେବ ଏବଂ ବର୍ତ୍ତମାନ ସୁଧା କ'ଣ ପଦକ୍ଷେପ ନିଆଗଲାଣି ଜଣାଇବେ କି ?

ଉତ୍ତର-୨(୯). ଗତ ତା ୨୮.୧୨.୨୦୨୨ ରିଖରେ ହୋଇଥିବା ସାଧାରଣ ବୈଠକର ନିଷ୍ପତି ଅନୁଯାୟୀ ୱାର୍ଡ଼ ନଂ-୧୩ ମଧ୍ୟରେ ଅବସ୍ଥିତ ଥିବା ଅନନ୍ତ ବସ୍ତି ପଛପଟେ ଗଭୀର ଖାଲ ଅବସ୍ଥାରେ ପଡ଼ିରହିଥିବା ଖାଲି ଜାଗାଟିର ଯୁଗ୍ମ ସର୍ଭେରୁ ଜଣାଗଲା ଯେ ଉକ୍ତ ଜାଗାଟି ସାଧାରଣ ପ୍ରଶାସନ ବିଭାଗଙ୍କ ନାମରେ ଅଛି । ଏହାକୁ ଭୁବନେଶ୍ୱର ମହାନଗର ନିଗମ ଅଧିନକୁ ଆଣିବା ପାଇଁ **GA Deptt.** କୁ ଅନୁରୋଧ କରାଯାଇଅଛି । ବର୍ତ୍ତମାନ ସୁଧା କୌଣସି ଉତର ସାଧାରଣ ପ୍ରଶାସନ ବିଭାଗରୁ ଆସିନାହିଁ । ଏହା ବି.ଏମ୍.ସି ଅଧିନକୁ ଆସିଲା ପରେ, କର୍ପୋରେସନଙ୍କ ଅନୁମୋଦନ ପରେ **C & D Rule** ଅନୁସାରେ ଉକ୍ତ ଖାଲି ଜାଗାକୁ **C & D Waste Dumping Site** ଭାବେ ଘୋଷଣା କରାଯାଇ ଡ଼ମ୍ପିଂ ପାଇଁ ଅନୁମତି ପ୍ରଦାନ କରାଯିବ ଏବଂ ଉନ୍ନତି ଯୋଜନାରେ ପଦକ୍ଷେପ ଗ୍ରହଣ କରାଯିବ ।

ପ୍ରଶ୍ନ-୨(୧୦). ସଭାପତି ମହାଶୟା ଦୟାକରି ଗୃହକୁ ଜଣାଇବେ କି, ମୋ ୱାର୍ଡ଼ରେ ରେଳବିହାର କଲୋନୀ ଭିତରେ ମାର୍କେଟ୍ କମ୍ପ୍ଲେକ୍ସରେ ୪୦ ଟି ଦୋକାନ ଘର ବିଡ଼ିଏ କରି ଦେଇଥିଲା । ସେ ଦୋକାନ ଗୁଡ଼ିକ ଆମ ପରିଧି ଭିତରେ ଆସୁଥିବାରୁ ସେମାନେ ବାରମ୍ବାର ମୋ ପାଖକୁ ଅଭିଯୋଗ ଆଣି ଆସୁଛନ୍ତି କି ବିଡ଼ିଏ କୌଣସି ୩୦ ବର୍ଷ ହେଲାଣି ନେଉନାହିଁ । ବ୍ୟବସାୟୀମାନେ ସଫେଇ ଠାରୁ ଆରମ୍ଭ କରି ଇଲେକ୍ଟ୍ରି ଏବଂ ପାଣି ଭଳି ମୌଳିକ ସୁବିଧା ପାଇ ପାରିନାହାଁନ୍ତି । ସେମାନେ ବିଡ଼ିଏ ରେ ଅଭିଯୋଗ କଲାପରେ ମଧ୍ୟ ତାଙ୍କ କଥା ଶୁଣାଯାଇନି । ବିଡ଼ିଏ ଠାରୁ ରେଲୱେ ଘର ଗୁଡ଼ିକ କିଣି ନେଇଛି କିନ୍ତୁ ଭିତରେ ଥିବା ମାର୍କେଟ୍ କମ୍ପ୍ଲେକ୍ସର ୪୦ ଟି ଦୋକାନ ଘର କିଣିଲା ନାହିଁ । ମୁଁ ନିର୍ଦ୍ଦିଷ୍ଟ ଭାବେ ଜାଣିବାକୁ ଚାହେଁ କି ୪୦ ଟି ଦୋକାନ କେଉଁ କେଉଁ ମାନଙ୍କୁ ଦିଆଯାଇଛି ଏବଂ ବର୍ତ୍ତମାନ ଏହାର ସ୍ଥିତି କ'ଣ ଅଛି ?

ଉତ୍ତର-୨(୧୦). ୱାର୍ଡ଼ ନଂ-୧୩ ର ରେଲ୍ ବିହାର କଲୋନୀ ମଧ୍ୟରେ ବିଡ଼ିଏ ନିର୍ମିତ କରିଥିବା ମାର୍କେଟ୍ କମ୍ପ୍ଲେକ୍ସ ଟି ବିଡ଼ିଏ ଅଧିନରେ ଏବଂ ତାର ତତ୍ୱାବଧାନରେ ଥିବାରୁ ଏହି ମାର୍କେଟ୍ କମ୍ପ୍ଲେକ୍ସ ସମ୍ବନ୍ଧୀୟ କୌଣସି ତଥ୍ୟ ଭୁବନେଶ୍ୱର ମହାନଗର ନିଗମରେ ଉପଲବ୍ଧ ନାହିଁ ।

ଶ୍ରୀ ଅପରୂପ ନାରାୟଣ ରାଉତ, ୱାର୍ଡ଼ ନଂ-୨୯

ପ୍ରଶ୍ନ-୨(୧୧). ଆଉ କିଛି ଦିନ ଗଲେ ଏକ ବର୍ଷ ପୁରା ହବାକୁ ଯାଉଛି କିନ୍ତୁ ଦୁଃଖର କଥା ଆଜି ଯାଏ ୱାର୍ଡ଼ ବଜେଟରେ ଦିଆଯାଇଥିବା କାମ ସମ୍ପୂର୍ଣ୍ଣ ରୂପେ ଟେଣ୍ଡର ହୋଇପାରିଲାନି ଆଉ ଯେଉଁ କିଛି ଟେଣ୍ଡର ବାହାରିଥିଲା ତାହା ଆଜି ପର୍ଯ୍ୟନ୍ତ ୱାର୍କ ଅଡ଼ର୍ ମିଳିନଥିବା ଯୋଗୁଁ କାମ ହୋଇପାରୁନି, ସଭାପତି ମହୋଦୟା ଗୃହରେ କହିବେ କି, ଆମକୁ ଏମିତି ଆଉ କେତେ ଦିନ ଏମିତି ପରିସ୍ଥିତି ଭୋଗିବାକୁ ପଡ଼ିବ ?

ଉତ୍ତର-୨(୧୧). ଭୁବନେଶ୍ୱର ମହାନଗର ନିଗମର ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୧ ର ୨୦୨୨-୨୩ ୱାର୍ଡ଼ ବଜେଟ୍‌ର ସମ୍ପୂର୍ଣ୍ଣ ତାଲିକା ଏଥି ସହିତ ସଂଲଗ୍ନ କରାଗଲା ।

ଭୁବନେଶ୍ୱର ମହାନଗର ନିଗମର ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୨ ଙ୍କ ଅଧିନରେ ୨୦୨୨-୨୩ ୱାର୍ଡ଼ ବଜେଟ୍‌ରେ ୧୬୫ ଗୋଟି ନିବିଦା ଆହ୍ୱାନ କରାଯାଇଥିଲା । ଏହାର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ନିମ୍ନରେ ପ୍ରଦତ୍ତ କରାଗଲା ।

୧-ଦିଆଯାଇଥିବା କାର୍ଯ୍ୟାଦେଶ-୬୦ ଗୋଟି
୨-ଅନୁମୋଦନ ନିମନ୍ତେ କଂଟ୍ରାକ୍ଟସ କମିଟିକୁ ଯିବା-୨୩ ଗୋଟି
୩- ମଣ୍ଡଳ ଉପ ଆୟୁକ୍ତ ଓ ନିର୍ବାହୀ ଯନ୍ତ୍ରୀ ଭିଜିଟ୍ ରିପୋର୍ଟ ପାଇଁ-୨୯ ଗୋଟି
୪-ଏଗ୍ରିମେଂଟ ପାଇଁ ନୋଟିସ୍ ହେବା-୨୦ ଗୋଟି
୫-ପୁନଃ ନିବିଦା ପାଇଁ ଥିବା-୫ ଗୋଟି
୬-କାର୍ଯ୍ୟ ସରିଥିବା-୩ ଗୋଟି
୭-ନିବିଦା ଯାଂଚ୍ ପାଇଁ ଥିବା-୨୫ ଗୋଟି
ମୋଟ-୧୬୫ ଗୋଟି

ପ୍ରଶ୍ନ-୨(୧୨). ରୁପାଲି ଛକରେ ୩୦ ଟି କିଓସ୍କ ଜାଗାରେ ୩୩ ଟି କିଓସ୍କ ଦିଆଯାଇଥିଲା, ଅତିରିକ୍ତ ୩ ଟି କିଓସ୍କ କେଳେଙ୍କାରିର ପ୍ରଶ୍ନ ଯା ଭିତରେ ୬ ଟି କର୍ପୋରେସନ ମିଟିଙ୍ଗ୍ ସରିଗଲାଣି କିନ୍ତୁ ମୁଁ ପଚାରିଥିବା ପ୍ରଶ୍ନର ଆଜି ପର୍ଯ୍ୟନ୍ତ ଉତର ପାଇଲିନି, ମାନ୍ୟବର କମିଶନର ଏ ପବିତ୍ର ଗୃହରେ ୮ ଦିନ ସମୟ ମାଗିଥିଲେ ୮ ମାସ ହେବାକୁ ବସିଲାଣି କିନ୍ତୁ ଉତର ମିଳିଲାନି, ମାନନୀୟା ସଭାପତି ଗୃହରେ କହିବେ କି, ମୋତେ ଠିକ୍ ଉତର ପାଇବାକୁ ଆଉ କେତେ ଦିନ ଅପେକ୍ଷା କରିବାକୁ ପଡ଼ିବ ?

ଉତ୍ତର-୨(୧୨). ରୁପାଲି ଛକ ଠାରେ ୩୦ ଗୋଟି କିଓସ୍କ ତିଆରି କରି ସ୍ମାର୍ଟସିଟି ଲିମିଟେଡ୍, ବି.ଏମ୍.ସି କୁ ହସ୍ତାନ୍ତର କରିଥିଲେ । ସେହି କିଓସ୍କ ଗୁଡ଼ିକୁ ଆଲର୍ଟମେଂଟ କମିଟିର ନିଷ୍ପତି ଅନୁଯାୟୀ ଉଚ୍ଛେଦ କରାଯାଇଥିବା ମହାବୀର ଭେଣ୍ଡିଂଜୋନ୍ ର ଭେଣ୍ଡର ମାନଙ୍କୁ ଆଲର୍ଟମେଂଟ କରାଯାଇ ଥଇଥାନ କରାଯାଇଛି । ଏତଦ୍ ବ୍ୟତୀତ ଅନ୍ୟ ୩ ଗୋଟି କିଓସ୍କ କୁ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ କେସ୍ ନଂ-୨୫୯୦୦/୨୦୨୧ ରେ ଶ୍ରୀ ସନ୍ତୋଷ ମାଟିଙ୍କୁ, କେସ୍ ନଂ-୨୫୯୧୫/୨୦୨୧ ରେ ଶ୍ରୀ ଶବର ନାୟକଙ୍କୁ ଏବଂ କେସ୍ ନଂ-୨୩୭୭୮/୨୦୨୦ ରେ ଶ୍ରୀ ଅମରେଶ ରଣାଙ୍କୁ ଆବଂଟନ କରାଯାଇଅଛି ।

ପ୍ରଶ୍ନ-୨(୧୩). ରୁପାଲି ଛକରେ ଥିବା ଗ୍ରୀନ୍ ଚିଲି ଏବଂ ମାଷ୍ଟର କ୍ୟାଂଟିନ୍ ପାଖରେ ଥିବା ଗ୍ରୀନ୍ ଚିଲି କାହା ନାମରେ ଦିଆଯାଇଛି ଆଉ କେବେଠୁ ଦିଆଯାଇଛି ସଠିକ୍ ବିବରଣୀ ଗୃହରେ ରଖିବେ କି ?

ଉତ୍ତର-୨(୧୩). ରୁପାଲି ଛକରେ ଥିବା ଗ୍ରୀନ୍ ଚିଲି ଏବଂ ମାଷ୍ଟର କ୍ୟାଂଟିନ୍ ପାଖରେ ଥିବା କିଓସ୍କକୁ ଏହି ବିଭାଗ ଦ୍ୱାରା ଆବଂଟନ କରାଯାଇନାହିଁ । ସ୍ମାର୍ଟ ଜନପଥରେ ଥିବା ଓପୋଲଫେଡ୍, ଓମ୍‌ଫେଡ୍ ଏବଂ ଅନ୍ୟାନ୍ୟ କିଓସ୍କ ଗୁଡ଼ିକୁ ସ୍ମାର୍ଟ ସିଟି ଲିମିଟେଡ୍ ଏବଂ ଦକ୍ଷିଣ-ପୂର୍ବ ମଣ୍ଡଳ, ବି.ଏମ୍.ସି ତରଫରୁ ସର୍ଭେ କରାଯାଇ, ତାଲିକା ପ୍ରଦାନ କରାଯାଇଥିଲା । ସେହି ତାଲିକାରେ ଥିବା ଭେଣ୍ଡର ମାନଙ୍କ ଡ଼କ୍ୟୁମେଂଟ ଗୁଡ଼ିକୁ ଭେରିଫାଏ କରି ଆଲର୍ଟମେଂଟ କମିଟି ତା ୨୨.୦୬.୨୦୨୧ ରିଖରେ ଯୋଗ୍ୟ ଓ ଅଯୋଗ୍ୟ ତାଲିକା ପ୍ରସ୍ତୁତ ହୋଇଥିଲା । ଏହି ତାଲିକାରେ

ମାଷ୍ଟର କ୍ୟାଂଟିନ୍ ପାଖ ଓପୋଲୋଫେଣ୍ଡ୍‌କୁ ଯୋଗ୍ୟ ଏବଂ ରୁପାଲି ଛକ ପାଖରେ ଥିବା ଓପୋଲୋଫେଣ୍ଡ୍‌କୁ ଅଯୋଗ୍ୟ ବିବେଚିତ କରିଥିଲେ । କିନ୍ତୁ ତାର ଆବଂଟନ ଭୁବନେଶ୍ୱର ମହାନଗର ନିଗମ ତରଫରୁ କରାଯାଇନାହିଁ ।

<u>ଶ୍ରୀ ଅଜିତ ବେହେରା, ୱାର୍ଡ଼ ନଂ-୪୪</u>

ପ୍ରଶ୍ନ-୨(୧୪). ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ରାସ୍ତା, ଡ୍ରେନ୍, ବିଲ୍‌ଡ଼ିଂ, କଲ୍ୟାଣମଣ୍ଡପ, କମ୍ୟୁନିଟି ସେଂଟର, ପୋଖରୀ ଇତ୍ୟାଦି ନିଗମ ଅର୍ଥରେ ନିର୍ମାଣ ହେଉଅଛି । ୱାର୍ଡ଼ ୱାଇଜ୍ ଏହିସବୁ "ସମ୍ପତି ଖାତା" ରେ ଅନ୍ତର୍ଭୁକ୍ତ କରାଯାଇଅଛି କି ନାହିଁ, ଯଦି କରାଯାଇନାହିଁ ତେବେ କେତ ଦିନ ମଧ୍ୟରେ କରାଯିବ ଗୃହକୁ ଜଣାଇବେ କି ?

ଉତ୍ତର-୨(୧୪). ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ଡ୍ରେନେଜ୍ ଉପବିଭାଗ ଦ୍ୱାରା ମହାନଗର ନିଗମ ଅର୍ଥରେ ନିର୍ମିତ ହେଉଥିବା ସମସ୍ତ କାମ ୱାର୍ଡ଼ ୱାଇଜ୍ ସମ୍ପତି ଖାତାରେ ଅନ୍ତର୍ଭୁକ୍ତ କରାଯାଉଅଛି ।

ଭୁବନେଶ୍ୱର ମହାନଗର ନିଗମକୁ ଆବଂଟିତ/ ହସ୍ତାନ୍ତରିତ ହୋଇଥିବା ସମ୍ପତି ଉପରେ ଗଢ଼ି ଉଠିଥିବା ବିଲ୍‌ଡ଼ିଂ, କଲ୍ୟାଣମଣ୍ଡପ, କମ୍ୟୁନିଟି ସେଂଟରର ତାଲିକା ମହାନଗର ନିଗମର ସମ୍ପତି ତାଲିକାର ଭୁକ୍ତ କରାଯାଇଅଛି । ଏହା ମହାନଗର ନିଗମର ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହୋଇଅଛି । ଏତଦ୍ ବ୍ୟତୀତ ପର୍ଯ୍ୟାୟ କ୍ରମେ ହସ୍ତଗତ ହୋଇଥିବା ଦତ ଦଲିଲ୍ ସୂତ୍ରେ ରାସ୍ତା ହିସାବରେ ପାଇଥିବା ସମ୍ପତି ମହାନଗର ନିଗମର ଖାତାଭୁକ୍ତ ହୋଇ ପଟା ହୋଇଯାଇଅଛି । ବର୍ତ୍ତମାନ ଦତ ହେଉଥିବା ରାସ୍ତା, ଖୋଲାସ୍ଥାନ, ସବ୍-ରେଜେଷ୍ଟ୍ରିଙ୍କ କାର୍ଯ୍ୟାଳୟରେ ଦଲିଲ ହେବା ସଙ୍ଗେ ସଙ୍ଗେ Form-3 ରେ ସ୍ୱତଃସ୍ଫୁତ ଭାବେ ତହସିଲଦାରଙ୍କ ପାଖକୁ ଯାଇ ରେକର୍ଡ଼ ସଂଶୋଧନ ହେଉଅଛି ।

ପୁନଃବାର ପ୍ରଶ୍ନକର୍ତା କହିଥିଲେ ଯେ, ମୋ ୱାର୍ଡ଼ରେ ଥିବା କଳିଙ୍ଗ ବସ୍ତିରେ ଡ୍ରେନ୍ କାର୍ଯ୍ୟ ଅଧା ହୋଇ ପଡ଼ିଅଛି । ସେଠାରୁ ଜଳ ନିଷ୍କାସନ ଠିକ୍ ଭାବରେ ହେଉନାହିଁ, ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେବେ ସୁଧା ଉକ୍ତ ଡ୍ରେନ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଜାଣିବାକୁ ଚାହିଁଥିଲେ । ଏହା ଉପରେ ଶୀଘ୍ର ପଦକ୍ଷେପ ନେବାପାଇଁ ସଭାପତି ନଗର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ପ୍ରଶ୍ନ-୨(୧୫). ବିଗତ ଦିନରେ ଭୁବନେଶ୍ୱର ମହାନଗର ନିଗମକୁ CSR ଫଣ୍ଡ୍ କେଉଁ ବାବଦକୁ କେତେ ଅର୍ଥ କାହା ଠାରୁ ମିଳିଅଛି ଏବଂ ଏହି CSR ଅର୍ଥ କେଉଁ କେଉଁ ବାବଦରେ ଖର୍ଚ୍ଚ ହୋଇଅଛି, ଏହି ଅର୍ଥ କାହା ଅନୁମୋଦନ କ୍ରମେ ଯଥା-କମିଶନର, ମେୟର କିମ୍ବା କର୍ପୋରେସନ ଅନୁମୋଦନରେ ଖର୍ଚ୍ଚ କରାଯାଇଅଛି, ଗୃହକୁ ଜଣାଇବେ କି ?

ଉତ୍ତର-୨(୧୫). ଭୁବନେଶ୍ୱର ମହାନଗର ନିଗମକୁ CSR ଫଣ୍ଡ୍ ବାବଦକୁ କୌଣସି ଅର୍ଥ ମିଳିନାହିଁ । ସଭାପତିଙ୍କ ଅନୁମତି କ୍ରମେ ପ୍ରଶ୍ନକର୍ତା କହିଥିଲେ ଯେ, କୋଭିଡ୍ ସମୟରେ ବିଭିନ୍ନ ସଂସ୍ଥା ବିଭିନ୍ନ ଜିନିଷ ଦେଇଛନ୍ତି ତାହାର ଷ୍ଟକ୍ ଏଂଟ୍ରି ହୋଇଅଛି କି ନାହିଁ ? ନିକଟରେ OMC ଏବଂ NALCO ନିଗମକୁ Dead body carrear କ୍ରୟ କରିବା ପାଇଁ ଅର୍ଥ ପ୍ରଦାନ କରିଛନ୍ତି ତାହାର ତଥ୍ୟ କାହିଁକି ଦିଆଯାଇନାହି ? ଏହା ଉପରେ ଆଲୋଚନା କରାଗଲା । ଯେଉଁ ସଂସ୍ଥା CSR ଫଣ୍ଡ୍‌ରେ ଯେଉଁ ଜିନିଷ କିମ୍ବା ଅର୍ଥ ଦେବେ ତାହାର କପି ନିଗମର ବିତ ଅଧିକାରୀଙ୍କୁ ଦେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀମତୀ ସୁଚିତ୍ରା ପାତ୍ର, ୱାର୍ଡ଼ ନଂ-୪୮</u>

ପ୍ରଶ୍ନ-୨(୧୬). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ନିର୍ବାଚନ ପରଠାରୁ ପ୍ରଥମ (Ward Proposal) ରେ କୃଷିବିହାର ଅଂଚଳରେ ମିଶନ୍ ଶକ୍ତି ଗୃହ ବା ମହିଳା ସମିତି ଗୃହ ନିମନ୍ତେ ପ୍ରସ୍ତାବ ଦେଇଥିଲି । ପାଖାପାଖି ଏକ ବର୍ଷ ହୋଇଗଲାଣି । ତାହା ଆଜି ପର୍ଯ୍ୟନ୍ତ ଟେଣ୍ଡରକୁ ମଧ ଯାଇପାରିନାହିଁ । ପୂର୍ବ ବୈଠକରେ ତା ୨୭.୦୧.୨୦୨୩ ରିଖରେ ମୁଁ ୧୦୮୧ ନମ୍ବରର ଏହି ଫାଇଲ୍ ସମ୍ପର୍କରେ ମଧ ମୁଁ ପ୍ରଶ୍ନ କରିଥିଲି । ମୁଁ ଏହି ମହିଳା ସମିତି ଗୃହ ନିମନ୍ତେ ବିଭାଗୀୟ J.E ଙ୍କ ଦ୍ୱାରା ଜାଗା ଦେଖାଇବା ଓ ଅମିନଙ୍କ ଠାରୁ ଜାଗାର Clearance ଆଣିବା ପରେ ମଧ ବିଳମ୍ବର କାରଣ ପଚ୍ଚରିଥିଲି । ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଉତରରେ ସାଧାରଣ ପ୍ରଶାସନର ଅନୁମତି ପାଇଁ ଫାଇଲ୍ ଟିକୁ ପଠାଯାଇଥିଲା ବୋଲି ଗୃହକୁ ଜଣାଇଥିଲେ । କିନ୍ତୁ

ଫାଇଲ୍ ସମ୍ବନ୍ଧରେ ମୁଁ ଫେବୃୟାରୀ ମାସ ତା ୧୪.୦୨.୨୦୨୩ ରିଖରେ ଆଡ଼ିସିନାଲ୍ କମିଶନର ଶ୍ରୀ ବିନୟ କୁମାର ଦାସଙ୍କ ସହ ଯୋଗାଯୋଗ କରିବା ପରେ ଏପରି କୌଣସି ଫାଇଲ୍ ତାଙ୍କ ପାଖକୁ ଆସିନାହିଁ ବୋଲି ଜଣାଇଥିଲେ । ବଡ଼ ଦୁଃଖର ବିଷୟ ଜଣେ ଲୋକ ପ୍ରତିନିଧିଙ୍କୁ ପବିତ୍ର ଗୃହରେ ମିଥ୍ୟା ଉତ୍ତର ପ୍ରଦାନ କରିବା ଗ୍ରହଣୀୟ ନୁହେଁ । ଆଗାମୀ କେତେ ଦିନ ମଧ୍ୟରେ ଉକ୍ତ ମହିଳା ସମିତି ଗୃହ ନିର୍ମାଣ କାର୍ଯ୍ୟର ସମସ୍ତ ପ୍ରକ୍ରିୟା ସମାପ୍ତ ହେବ ଏହାର ନିର୍ଦ୍ଧାରିତ ସମୟ ଜଣାନ୍ତୁ ।

ଉତ୍ତର-୨(୧୬). କୃଷିବିହାର ଅଂଚଳରେ ମିଶନ୍ ଗୃହ ବା ମହିଳା ସମିତି ଗୃହ ନିର୍ମାଣ ନିମନ୍ତେ ଚିହ୍ନିତ ହୋଇଥିବା ସ୍ଥାନର ସ୍ଥିତି ଜଣାଇବା ପାଇଁ ୧୦୮୧ ନମ୍ବର ନଥିଟିକୁ ଉପ ଆୟୁକ୍ତ, ଦକ୍ଷିଣ-ପଶ୍ଚିମ ମଣ୍ଡଳକୁ ପଠାଯାଇଥିଲା । ଉପ ଆୟୁକ୍ତ ଉକ୍ତ ସ୍ଥାନଟିକୁ ତଦନ୍ତ କରି ଏହା ସାଧାରଣ ପ୍ରଶାସନ ବିଭାଗ ଅଧିନସ୍ଥ ବୋଲି ଜଣାପଡ଼ିଥିଲା । ସାଧାରଣ ପ୍ରଶାସନ ବିଭାଗ ଠାରୁ ଅନୁମତି ପାଇବା ପରେ ମହିଳା ସମିତି ଗୃହ ନିର୍ମାଣ କାର୍ଯ୍ୟ କରିବା ପାଇଁ ପଦକ୍ଷେପ ନିଆଯିବ ।

ପ୍ରଶ୍ନ-୨(୧୭). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ହକି ଖେଳ ସମୟରେ ୱାର୍ଡ଼ର ବିଭିନ୍ନ ସ୍ଥାନରୁ ସୌନ୍ଦର୍ଯ୍ୟକରଣ ନିମନ୍ତେ କିଛି ଉଠା ଦୋକାନୀଙ୍କୁ ଉଠାଯାଇଥିଲା । ବର୍ତ୍ତମାନ ସେମାନଙ୍କୁ ଦୋକାନ କରିବାର ସ୍ୱୀକୃତି ବି.ଏମ୍.ସି ତରଫରୁ ଦିଆଯିବ କି ନାହିଁ ? ଉକ୍ତ ଉଠା ଦୋକାନୀମାନେ ବି.ଏମ୍.ସି ତରଫରୁ ଫନି ଓ କୋଭିଡ୍ ସମୟରେ ୧୦ ହଜାର ଓ ୩ ହଜାର ଟଙ୍କାର ସହାୟତା ରାଶି ମଧ୍ୟ ବି.ଏମ୍.ସି ତରଫରୁ ପାଇଛନ୍ତି । ଉକ୍ତ ଦୋକାନ ବାବଦକୁ କିଛି ବ୍ୟବସାୟୀ ବ୍ୟାଙ୍କରୁ ଋଣ ମଧ୍ୟ ଆଣିଛନ୍ତି । ଦୋକାନ ବନ୍ଦ ଥିବା କାରଣରୁ ଋଣ ପରିଶୋଧ କରିପାରୁନାହାଁନ୍ତି । ଏଣୁ ଉଠା ଦୋକାନୀଙ୍କୁ ଆମେ ବର୍ତ୍ତମାନ ପରିପ୍ରେକ୍ଷୀରେ ଭେଣ୍ଡିଂଜୋନ୍ ଦେବା ପୂର୍ବରୁ କିପରି ଉଠା ଦୋକାନୀ ମାନଙ୍କୁ ଥଇଥାନ କରିହେବ ଦୟାକରି ଗୃହକୁ ଜଣାନ୍ତୁ ।

ଉତ୍ତର-୨(୧୭). ଉଠା ଦୋକାନୀ ମାନଙ୍କୁ ଭେଣ୍ଡିଂଜୋନ୍ ଦେବା ପୂର୍ବରୁ ଥଇଥାନ କରିବା ପାଇଁ ବିଭିନ୍ନ ୱାର୍ଡ଼ରେ ଜୋନ୍ ଅଫିସ୍ ଦ୍ୱାରା ସ୍ଥାନ ଚିହ୍ନଟ କରାଯାଇ ତାହା G.A Deptt. ରୁ ଜମି ଅଧିକରଣ କରାଯିବା ପରେ ଭେଣ୍ଡିଂଜୋନ୍ ଗଠନ କରାଯିବାର ବ୍ୟବସ୍ଥା ରହିଛି । ଏହି ଭେଣ୍ଡିଂଜୋନ୍ ଗୁଡ଼ିକ ତିଆରି ହେବାପରେ ନିୟମ ଅନୁଯାୟୀ ଉଠା ଦୋକାନୀ ମାନଙ୍କୁ ଆବଂଟନ କରାଯିବାର ବ୍ୟବସ୍ଥା ରହିଛି ।

ପ୍ରସ୍ତାବ-୩. ପୂର୍ତ୍ତ ବିଭାଗର ବିଭିନ୍ନ କାର୍ଯ୍ୟର ପ୍ରଗତି ବିବରଣୀ ଉପସ୍ଥାପନ :-

ନିର୍ଦ୍ଧାରଣ-୩. ଉପସ୍ଥାପନ କରାଗଲା ।

ପ୍ରସ୍ତାବ-୪. ବିଭିନ୍ନ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ :-

ନିର୍ଦ୍ଧାରଣ-୪(୧). ଗତ ତା ୧୬.୦୨.୨୦୨୩ ରିଖ ଟ୍ୟାକ୍ସେସନ, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୨). ଗତ ତା ୧୬.୦୨.୨୦୨୩ ରିଖ ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୩). ଗତ ତା ୧୫.୦୨.୨୦୨୩ ରିଖ ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୪). ଗତ ତା ୧୪.୦୨.୨୦୨୩ ରିଖ ପ୍ଲାନିଂ ଆଣ୍ଡ୍ ଡ଼େଭଲପ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୫). ଗତ ତା ୧୪.୦୨.୨୦୨୩ ରିଖ ଏଜୁ୍ୟକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲଚର ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୬). ଗତ ତା ୧୫.୦୨.୨୦୨୩ ରିଖ ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୭). ଗତ ତା ୧୭.୦୨.୨୦୨୩ ରିଖ କଂଟ୍ରାକ୍ଟସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଯାଇ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ନିର୍ଦ୍ଧାରଣ-୪(୮). ଗତ ତା ୧୩.୦୨.୨୦୨୩ ରିଖ କର୍ପୋରେସନ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୯). ଗତ ତା ୧୫.୦୨.୨୦୨୩ ରିଖ ଗ୍ରୀଭାନ୍‌ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୧୦). ଗତ ତା ୧୪.୦୨.୨୦୨୩ ରିଖ ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ପ୍ରକାଶ ଥାଉକି ଉପର ବର୍ଣ୍ଣିତ ଷ୍ଟାଣ୍ଡିଂ କମିଟି ମାନଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ନିର୍ଦ୍ଧାରଣ ଗୁଡ଼ିକ ସମ୍ପୃକ୍ତ ନଥିରେ ମାନ୍ୟବର ମେୟରଙ୍କ ନିକଟରେ ଉପସ୍ଥାପନ କରାଯିବା ପରେ ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ ରୁଲ୍-୨୦୦୪ ର ନିୟମ ୦୩, ୦୪, ୦୫,୦୬, ୦୭, ୦୮,୧୦,୧୧ ଓ ୧୨ ଅନୁଯାୟୀ ତହିଁ ଉପରେ ମେୟରଙ୍କ ଆଦେଶ ମତେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**ପ୍ରସ୍ତାବ-୫. ଭୁବନେଶ୍ୱର ମହାନଗର ନିଗମର ଜାନୁୟାରୀ-୨୦୨୩ ମାସର ଆୟ ବ୍ୟୟ ହିସାବ ଫର୍ଦ୍ଦ ଉପସ୍ଥାପନ :-**

ନିର୍ଦ୍ଧାରଣ-୫. ଉପସ୍ଥାପନ କରାଗଲା । ଏହା ଉପରେ ଅଡ଼ିଟ୍ ମତାମତ/ ମନ୍ତବ୍ୟ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ଥିର ହେଲା । "(Expenditure Statement is passed subject to audit)"

**ପ୍ରସ୍ତାବ-୬. ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରସ୍ତାବ :- (ତା ୨୦.୦୨.୨୦୨୩ ରିଖ)**

<u>ଶ୍ରୀ ଶ୍ରୀଧର ବେହେରା, ଓ୍ୱାର୍ଡ଼ ନଂ-୫୨</u>

ପ୍ରସ୍ତାବ-୬(୧). ସଭାପତି ମହୋଦୟା ଆପଣଙ୍କର ଗୋଚରାର୍ଥେ ଜଣାଉଅଛି, Bhimpur Duplex Colony ର Internal Road ଟିକୁ ବି.ଏମ୍.ସି. କୁ ହସ୍ତାନ୍ତର ନକରି ଉକ୍ତ ବିଲ୍‌ଡ଼ର୍ ଘର ବିକ୍ରି କରିଅଛି । ବର୍ତ୍ତମାନ ଉକ୍ତ ରୋଡ୍ ଏବଂ ଡ୍ରେନ୍ କାମ ପାଇଁ ଟେଣ୍ଡର ହୋଇ ଓ୍ୱାର୍କ ଅର୍ଡ଼ର୍ ହୋଇଅଛି । ତେଣୁ ଉକ୍ତ ଅଂଚଳ ପାଖର ଲୋକମାନେ, ପ୍ରାଇଭେଟ୍ ରୋଡ୍‌ରେ ବି.ଏମ୍.ସି କିପରି କାର୍ଯ୍ୟ କରୁଛି ବୋଲି ପ୍ରଶ୍ନ କରିବା ସହ ଯଦି ସେଠାରେ ହେଉଛି, ତେବେ ଆମ୍ଭର ମଧ୍ୟ କରାଯାଉ ବୋଲି କହୁଛନ୍ତି । ବର୍ତ୍ତମାନ ଉକ୍ତ କାମଟି ଆରମ୍ଭ ହୋଇଅଛି ତେଣୁ କାମଟିକୁ ବନ୍ଦ କରି ବିଲ୍‌ଡ଼ର୍ ବା Bhimpur Duplex Colony Association ଉକ୍ତ ରୋଡ୍ ଟିକୁ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ବି.ଏମ୍.ସି କୁ ହସ୍ତାନ୍ତର କରିବା ପାଇଁ ଚିଠି କରିବା ନିମନ୍ତେ କର୍ପୋରେସନରେ ଆଲୋଚନା ଓ ବିଗ୍ଭର :-

ନିର୍ଦ୍ଧାରଣ-୬(୧). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରକାଶ ଥାଉକି, ପ୍ରସ୍ତାବ ବର୍ଣ୍ଣିତ ସ୍ଥାନଟି ତଦନ୍ତ କରିବା ପାଇଁ କାର୍ଯ୍ୟର ନଥିକୁ ଉପ ଆୟୁକ୍ତ, ଲ୍ୟାଣ୍ଡଙ୍କ ନିକଟକୁ ପଠାଯିବ, ତାଙ୍କର ରିପୋର୍ଟ ମିଳିବା ପର୍ଯ୍ୟନ୍ତ କାର୍ଯ୍ୟକୁ ସ୍ଥଗିତ ରଖାଯିବ ଏବଂ ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ଶ୍ରୀ କୁମାରେନ୍ଦ୍ର ମହାପାତ୍ର, ୱାର୍ଡ ନଂ-୩୧

ପ୍ରସ୍ତାବ-୬(୨). ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ବହୁତ ଗୁଡ଼ିଏ ମଦ ବାର୍ ସବୁ ଛତୁ ଫୁଟିଲା ଭଳି ଖୋଲାଯାଉଛି, କିନ୍ତୁ ଅନେକ ମଦ ବାର୍ ମାନଙ୍କର ପାର୍କିଂ ସ୍ଥାନ ନାହିଁ, ତେଣୁ ସେହି ମାନଙ୍କ ବିରୋଧରେ ବି.ଏମ୍.ସି. ତରଫରୁ ଖୋର୍ଦ୍ଧା ଜିଲ୍ଲାପାଳ ଓ ଅବକାରୀ ବିଭାଗକୁ ଗୋଟିଏ ଅନୁରୋଧ ପତ୍ର ଦିଆଯାଇ ସେମାନଙ୍କର ଲାଇସେନ୍ସ ରଦ୍ଦ କରାଯିବା ଉପରେ କର୍ପୋରେସନରେ ଆଲୋଚନା ଓ ସିଦ୍ଧାନ୍ତ ।

ନିର୍ଦ୍ଧାରଣ-୬(୨). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା । ଏଥି ସହିତ ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ହୋଟେଲ୍/ରେଷ୍ଟୁରାଂଟ୍ ନିକଟରେ ନିଜସ୍ୱ ପାର୍କିଂ ବ୍ୟବସ୍ଥା ନଥିଲେ ସେମାନଙ୍କର ଲାଇସେନ୍ସ ରଦ୍ଦ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ଶ୍ରୀ ନୃପେଶ କୁମାର ନାୟକ, ୱାର୍ଡ ନଂ-୫୫

ପ୍ରସ୍ତାବ-୬(୩). ସଭାପତି ମହୋଦୟା ଭୁବନେଶ୍ୱର ମହାନଗର ନିଗମ ପବ୍ଲିକ୍ ୱାର୍କସରେ like Roads (C.C, B.T & P.B), RCC drain, Culvert, Building, Vegetable market & Vending Zone etc. ପାଖାପାଖି ଟ ୨୦୦ ରୁ ଟ ୨୫୦ କୋଟି ଖର୍ଚ୍ଚ କରାଯାଇଛି । ଏଥରକ ବଜେଟ୍‌ରେ ମଧ ପାଖାପାଖି ଟ ୩୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି, ଯାହାକି ଠିକଣା ଭାବରେ in proper quality & design କୁ follow କରି କାର୍ଯ୍ୟ ସମ୍ପାଦନର ନିତ୍ୟାନ୍ତ ଆବଶ୍ୟକତା ରହିଛି ଯାହାକି ଭୁବନେଶ୍ୱରବାସୀ ଏହାର ସୁଫଳକୁ ସିଧାସଳଖ ଉପଭୋଗ କରିବେ । ଏଥିପାଇଁ ମହାନଗର ନିଗମର ସିଟି ଇଞ୍ଜିନିୟର୍ ଏବଂ ଟିମ୍‌କୁ ସଶକ୍ତ (Strengthen) କରିବା ନିହାତି ଜରୁରୀ ଅଟେ । ଅତୀତରେ କର୍ପୋରେସନରେ ଆଲୋଚନା ହୋଇଛି କିନ୍ତୁ ଫଳ ଶୂନ୍ । ସାନିଟେସନ୍ ଏବଂ ପବ୍ଲିକ୍ ୱାର୍କସ ଏହି ଦୁଇଟି ବି.ଏମ୍.ସି ର ଆତ୍ମା । ଏହାପାଇଁ ଆମେ ସମସ୍ତେ ଉତରଦାୟୀ । ମୋର ପ୍ରସ୍ତାବ ଏହିକି ଯେ, ଭୁବନେଶ୍ୱର ବାସୀଙ୍କର ସର୍ବ ମଙ୍ଗଳ ନିମନ୍ତେ ପବ୍ଲିକ୍ ୱାର୍କସ ଡ଼ିପାର୍ଟମେଂଟକୁ ଆବଶ୍ୟକୀୟ Engineers, Work sarkar & Clerical staff out sourcing ମାଧମରେ ହେଉ ବା ରାଜ୍ୟ ସରକାରଙ୍କର ଅନ୍ୟ ବିଭାଗରୁ ଆଣି କାର୍ଯ୍ୟରେ ନିୟୋଜିତ କରାଯାଉ । ଦ୍ୱିତୀୟତଃ ଯେହେତୁ ବି.ଏମ୍.ସି ୱାର୍କସ ଡ଼ିପାର୍ଟମେଂଟର ସିଟି ଇଞ୍ଜିନିୟର୍ ମୁଖ୍ୟ ଅଟନ୍ତି ଏଣୁ ଏହି ବିଭାଗର ସମସ୍ତ Engineering ଏବଂ other staffs ସିଟି ଇଞ୍ଜିନିୟର୍‌ଙ୍କ ଅଧିନରେ ବା ନିର୍ଦ୍ଦେଶରେ କାମ କରିବା ନିହାତି ଆବଶ୍ୟକତା ରହିଛି । ଶେଷରେ ବିଶେଷ ଅନୁରୋଧ ପବ୍ଲିକ୍ ୱାର୍କସ ସମ୍ବନ୍ଧୀୟ ବା Technical Connection କୌଣସି ଦିଗରୁ ନଥିବା କାର୍ଯ୍ୟକ୍ରମ ବାବଦରେ ଡ଼କାଯାଉଥିବା ବୈଠକରେ City Engineer & Executive Engineer ମାନଙ୍କୁ ସଂଶ୍ଳିଷ୍ଟ କରାନଯାଉ । ଏ ବାବଦରେ ବୈଠକ ଦିନ ମୁଁ ସବିଶେଷ ବିବରଣୀ ଓ କାରଣ ଦର୍ଶାଇପାରିବି ।

ନିର୍ଦ୍ଧାରଣ-୬(୩). ପ୍ରସ୍ତାବ ବର୍ଣ୍ଣିତ ମତେ Technical Connection ନଥିଲେ ନଗର ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କୁ କୌଣସି ବୈଠକକୁ ନ ଡ଼ାକିବା ଏବଂ ଆବଶ୍ୟକ ସଂଖ୍ୟକ ଯନ୍ତ୍ରୀ ଓ କର୍ମଚାରୀ ଯୋଗାଇଦେବା ନିମନ୍ତେ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବ । ରାଜ୍ୟ ସରକାର ଉକ୍ତ କର୍ମଚାରୀ ଯୋଗାଇ ନଦେବା ପର୍ଯ୍ୟନ୍ତ AIILSG ଙ୍କ ମାଧମରେ ରଖିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୬(୪). ବିଗତ ୩ ବର୍ଷ ମଧରେ ଭୁବନେଶ୍ୱର ମହାନଗର ନିଗମର ସମସ୍ତ ୱାର୍ଡ଼ରେ ସାମ୍ପ୍ରତିକ ପରିସ୍ଥିତିକୁ ଆଖିରେ ରଖି ଭୂତଳ ଜଳ ସଙ୍କଟକୁ ଦୂର କରିବା ପାଇଁ ନିତ୍ୟାନ୍ତ ଉପଯୋଗୀ । ବର୍ଷାଜଳ ଅମଳ ପ୍ରକଳ୍ପ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଯେଉଁ ଡ଼ିଜାଇନ୍‌ରେ ଏହି ପ୍ରକଳ୍ପଟିକୁ କରାଯାଉଛି ସେଥିରେ ଟିକିଏ ପରିବର୍ତନ କଲେ maintenance ଖର୍ଚ୍ଚ ବହୁତ ଗୁଣରେ କମିଯାଆନ୍ତା । କିନ୍ତୁ ଦୁଃଖର ବିଷୟ ବିଗତ ଦିନ ମାନଙ୍କରେ କରାଯାଇଥିବା ପ୍ରକଳ୍ପ ଗୁଡ଼ିକର କୌଣସି maintenance work କରାଯାଇନାହିଁ । ଫଳସ୍ୱରୂପ ଅନେକ ପ୍ରକଳ୍ପ ଭଙ୍ଗାରୁଜା ଅବସ୍ଥାରେ ଏବଂ ଏହା ଉପରେ ମାଟି ବାଲି ଚଢ଼ି ଏକ ରକମର ମୋଟା ଆସ୍ତରଣ ସୃଷ୍ଟି ହୋଇ ଘାସ ଗଛ ଉଠିଗଲାଣି । ଏଣୁ ଏ ଅବସ୍ଥାରେ ପ୍ରକଳ୍ପର ଅସଲ ଉଦ୍ଦେଶ୍ୟ, ବର୍ଷାଜଳ absorb capacity ଶୂନ ହୋଇଯାଇଥାଏ । ଏଣୁ ଏହାକୁ କାର୍ଯ୍ୟକ୍ଷମ କରିବା ଲାଗି maintenance ବ୍ୟବସ୍ଥା ରଖିବା ନିହାତି

ଜରୁରୀ । ମୋ ମତ ଅନୁଯାୟୀ ଯେଉଁ ୪ ଫୁଟିଆ ନନ୍ଦ ବସାଯାଇ ବାଲି, ଗୋଡ଼ି, ବଜୁରୀ ଇତ୍ୟାଦିର ସ୍ତର ସୃଷ୍ଟି କରାଯାଇଛି, ତା' ଉପରେ ବା ସର୍ବଶେଷରେ ବଡ଼ ବଡ଼ ହୋଲ୍ ଥିବା ବା ୭୦ % ହୋଲ୍ ଥିବା 60 mm ର ପେଭର୍ ବ୍ଲକ୍ ବସାଇ ଦିଆଗଲେ ଉପରୋକ୍ତ ପ୍ରକଳ୍ପ ପାଇଁ maintenance ଖର୍ଚ୍ଚ ବହୁଗୁଣରେ କମିଯାଆନ୍ତା । ଏହା ଉପରେ ବିଚାର କରିବାକୁ ଅନୁରୋଧ ।

ନିର୍ଦ୍ଧାରଣ-୬(୪). ପ୍ରସ୍ତାବ ବର୍ଣ୍ଣିତ ବର୍ଷାଜଳ ଅମଳ ପ୍ରକଳ୍ପ ଗୁଡ଼ିକର ରକ୍ଷଣାବେକ୍ଷଣ ସ୍ୱୟଂ ସହାୟକ ଗୋଷ୍ଠୀ କରୁଛନ୍ତି । ଗୋଟିଏ ପିଟ୍ ପାଇଁ ସେମାନେ ଟ ୫୦୦/- ନେଉଛନ୍ତି, ଯଦି ସେମାନେ ଠିକ୍ ଭାବରେ କାର୍ଯ୍ୟ କରୁନାହାଁନ୍ତି ତାହା ଉପରେ ତଦନ୍ତ କରି ସମ୍ପୃକ୍ତ ୱାର୍ଡ଼ର ଯନ୍ତ୍ରୀ ଓ ଅତିରିକ୍ତ କମିଶନର-୩ ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀମତୀ ଇତିଶ୍ରୀ ଦାସ, ୱାର୍ଡ଼ ନଂ-୧୩</u>

ପ୍ରସ୍ତାବ-୬(୫). ସଭାପତି ମହାଶୟା ଆପଣଙ୍କ ଗୋଚରାର୍ଥେ ଜଣାଇବାକୁ ଚାହୁଁଅଛି କି ମୋ ୱାର୍ଡ଼କୁ ଆସୁଥିବା ତିନି ଗୋଟି ସଫେଇବାଲା ଗାଡ଼ି ପର୍ଯ୍ୟାପ୍ତ ହେଉନାହିଁ ଯାହା ଫଳରେ କି ଘର ଘର ବୁଲି ପୃଥକ୍ ଭାବେ ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁ ସଂଗ୍ରହ କରିବା ବେଳେ ସମୟର ସୁପରିଚାଳନା ଠିକ୍ ଭାବେ ହୋଇପାରୁନାହିଁ । ଆଉ ଗୋଟିଏ ଗାଡ଼ି ପାଇଁ ବହୁ ଦିନରୁ ମୁଁ ସାନିଟାରୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲି । ମୋ ୱାର୍ଡ଼କୁ ଆଉ ଗୋଟିଏ ଗାଡ଼ି ଦିଆଗଲେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କଲୋନୀ ଗୁଡ଼ିକରୁ ବର୍ଜ୍ୟବସ୍ତୁ ଉଠିପାରନ୍ତା ।

ନିର୍ଦ୍ଧାରଣ-୬(୫). ପ୍ରସ୍ତାବ ବର୍ଣ୍ଣିତ ବର୍ଜ୍ୟବସ୍ତୁ ସଂଗ୍ରହ ଗାଡ଼ି ଏକ ମାସ ମଧ୍ୟରେ ଯୋଗାଇ ଦେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀ ଭରତ କୁମାର ଲେଙ୍କା, ୱାର୍ଡ଼ ନଂ-୪୩</u>

ପ୍ରସ୍ତାବ-୬(୬). ମୁଁ ପୂର୍ବରୁ କର୍ପୋରେସନ ମିଟିଙ୍ଗ୍ ତା ୨୭.୦୧.୨୦୨୩ ରିଖରେ ଦେଇଥିବା ପ୍ରସ୍ତାବ ୬(୯) ଉପରେ ବି.ଏମ୍.ସି ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଏହା ପୂର୍ବରୁ ବହୁବାର ମୁଁ ବୈଠକରେ ପ୍ରଶ୍ନ ଓ ପ୍ରସ୍ତାବ ଦେବା ସତ୍ୱେ କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ନିଆଯାଉନାହିଁ । ତେଣୁ ମୁଁ ଏହି କର୍ପୋରେସନ ବୈଠକରେ ମୋର ପୂର୍ବ ପ୍ରସ୍ତାବିତ ନଂ-୬(୯) କୁ ପୁନର୍ବାର ଦୋହରାଉଛି ଏବଂ ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେଉ ମୁଁ ଆଶାୟୀ ମଧ୍ୟ ।

ନିର୍ଦ୍ଧାରଣ-୬(୬). ପ୍ରସ୍ତାବ ବର୍ଣ୍ଣିତ ସାଇଫନ୍ ଦୁଇ ଗୋଟି ରାଜ୍ୟ ସରକାରଙ୍କ Water Resources Department ଅଧିନରେ ଥିବାରୁ ଉକ୍ତ ଦୁଇ ଗୋଟି ସାଇଫନ୍‌ର କାର୍ଯ୍ୟ ଜରୁରୀକାଳିନ ଭିତିରେ ସମ୍ପାଦନ କରିବା ପାଇଁ Addl. Chief Secretary Water Resources Department Govt. of Odisha ଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୬(୭). ଆମ ୱାର୍ଡ଼ ଅନ୍ତର୍ଗତ ମୁଖ୍ୟ ରାସ୍ତାଟି ଯାହାକି ଲକ୍ଷ୍ମୀସାଗର ଟ୍ରାଫିକ୍ ଛକ ଠାରୁ ଆରମ୍ଭ କରି ଲକ୍ଷ୍ମୀସାଗର ସ୍କୁଲ୍ ପର୍ଯ୍ୟନ୍ତ ଯାଉଅଛି । ଏହି ରାସ୍ତାଟିର ସମ୍ପ୍ରସାରଣ କାମ R & B, Div.-I ଅନ୍ତର୍ଗତରେ ୪ ବର୍ଷ ତଳେ ହୋଇ ମଧ୍ୟ ଏହା ସମ୍ପୂର୍ଣ୍ଣ ହୋଇନାହିଁ । କେତେକ ସ୍ଥାନରେ ରାସ୍ତାର ମଧ୍ୟ ଭାଗରେ Electric Poll ମଧ୍ୟ ରହିଛି ଯାହା ଫଳରେ ପ୍ରତ୍ୟେକ ସମୟରେ ଲୋକମାନଙ୍କୁ ଦୁର୍ଘଟଣାର ସାମ୍ନା କରିବାକୁ ପଡୁଅଛି ଏବଂ ଯାତାୟତ ସମୟରେ ଏହି ରାସ୍ତାରେ ବହୁତ ପରିମାଣରେ ଧୂଳି ଉଡୁଅଛି ଯାହା ଫଳରେ ମୋ ୱାର୍ଡ଼ର ପରିବେଶ ଦୂଷିତ ହେବା ସହ କୁନି କୁନି ପିଲା ଓ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଅବନତି ଘଟୁଛି । ତେଣୁ ମୋର ପ୍ରସ୍ତାବ ଏହି ମୁଖ୍ୟ ରାସ୍ତାଟିର ସମ୍ପୂର୍ଣ୍ଣ କାମ ଏବଂ Electric Poll shifting କାମ ତ୍ୱରାନ୍ୱିତ ହେଲେ ମୁଁ ଏବଂ ଆମ ଅଂଚଳବାସୀ ଚିର ଉପକୃତ ହେବେ ।

ନିର୍ଦ୍ଧାରଣ-୬(୭). ପ୍ରସ୍ତାବ ବର୍ଣ୍ଣିତ ରାସ୍ତା କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୧, R & B ଙ୍କୁ ଅନୁରୋଧ କରାଯିବ ଏବଂ ରାସ୍ତା ମଧ୍ୟରେ ଥିବା ଇଲେକ୍ଟ୍ରିକ୍ ପୋଲ୍ ଗୁଡ଼ିକୁ ରାସ୍ତା କଡ଼କୁ ଉଠାଇ ନେବାପାଇଁ TATA Power ଅଧିକାରୀଙ୍କ ସହିତ ଏକ ବୈଠକ କରାଯାଇ ସମସ୍ୟା ସମାଧାନ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ଏବଂ ଘର ନିର୍ମାଣ ସମୟରେ ଧୂଳି ବାଲି ଉଡ଼ି ବାୟୁମଣ୍ଡଳ ଦୂଷିତ ହେଉଥିବାରୁ ଯେଉଁମାନେ ଘର ନିର୍ମାଣ କରୁଛନ୍ତି ସେମାନେ ଯେଭଳି ଧୂଳି ବାହାରେ ନଉଡ଼ିବ ସେଥିପାଇଁ ଚତୁଃପାର୍ଶ୍ୱ ଘେରି କରିବେ ନଚେତ୍ ସେମାନଙ୍କ ଠାରୁ ଜୋରିମାନା (fine) ଆଦାୟ କରାଯିବ, ଉକ୍ତ ବିଷୟ ମଧ୍ୟ ପ୍ଲାନ୍ ଅନୁମୋଦନ ସମୟରେ ଏକ ସର୍ତ୍ତ ରଖିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୬(୮). ମୋ ଅଂଚଳରେ ମୁଖ୍ୟ ଛକ ଉପରେ ଥିବା ସରକାରୀ ଜମି ଗୁଡ଼ିକୁ ଚିହ୍ନଟ କରାଯାଇ ଏବଂ ସେଠାରେ ଭେଣ୍ଡିଂଜୋନ୍‌ର ସୁବିଧା କରାଯାଇ ମୋ ଅଂଚଳର ଉଠା ଦୋକାନୀ ମାନଙ୍କୁ ପୂର୍ବସ୍ଥାପିତ କରାଗଲେ ମୁଁ ଏବଂ ମୋର ଅଂଚଳବାସୀ ଚିର ଉପକୃତ ହେବୁ ।

ନିର୍ଦ୍ଧାରଣ-୬(୮). ପ୍ରସ୍ତାବ ବର୍ଣ୍ଣିତ ଜମି ଚିହ୍ନଟ କରି ରାଜ୍ୟ ସରକାରଙ୍କ ଠାରୁ ଅନୁମତି ମିଳିଲା ପରେ "ମୁକ୍ତା" ଯୋଜନାରେ ଭେଣ୍ଡିଂଜୋନ୍ ନିର୍ମାଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀ ଅଜିତ୍ ବେହେରା, ୱାର୍ଡ ନଂ-୪୪</u>

ପ୍ରସ୍ତାବ-୬(୯). ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା DDN Survey କାର୍ଯ୍ୟ ଚାଲୁରହିଛି, ଫଳରେ ହୋଲ୍ଡିଂ ଟ୍ୟାକ୍ସର ଡ଼ାଟାବେସ୍ ପ୍ରସ୍ତୁତ ହେବା ସହିତ କଲେକ୍ସନ୍ ବୃଦ୍ଧି ପାଇପାରିବ । ସେହିପରି ବି.ଏମ୍.ସି ୟୁଜର୍ ଫି, ଟ୍ରେଡ୍ ଲାଇସେନ୍ସ ଇତ୍ୟାଦି କଲେକ୍ସନ୍ କରୁଅଛି । ଯଦି ଏହି ସମସ୍ତ ଟ୍ୟାକ୍ସର ଡ଼ାଟାବେସ୍ ଗୋଟିଏ ବୋର୍ଡ଼ ଅର୍ଥାତ୍ DDN ବୋର୍ଡ଼ ସହିତ integrate କରାଯାଇପାରନ୍ତା, ନିଗମ ଦ୍ୱାରା ଆଦାୟ ହେଉଥିବା ଉପରୋକ୍ତ ଟିକସ ଗୁଡ଼ିକୁ ସହଜରେ ଆଦାୟ କରାଯାଇପାରନ୍ତା । ଏହି ସମ୍ବନ୍ଧରେ କର୍ପୋରେସନରେ ଆଲୋଚନା ଓ ନିଷ୍ପତି ।

ନିର୍ଦ୍ଧାରଣ-୬(୯). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୬(୧୦). ଭୁବନେଶ୍ୱର ମହାନଗର ନିଗମର ନୂତନ କାର୍ଯ୍ୟାଳୟ "ବି.ଏମ୍.ସି-ଆଇସିଓଏମ୍‌ସି" ର "ଏକାମ୍ର" ସଭାଗୃହ ଏକ ପବିତ୍ର ଗୃହ ଅଟେ । ଏହି ସଭାଗୃହର ମର୍ଯ୍ୟାଦା ରକ୍ଷାକରି କେବଳ ଭୁବନେଶ୍ୱର ମହାନଗର ନିଗମର କର୍ପୋରେସନ୍ ବୈଠକ/ ସ୍ୱତନ୍ତ୍ର କର୍ପୋରେସନ୍ ବୈଠକ ଭଳି Important meeting ଏହି ଗୃହରେ କରାଯାଉ । ଅନ୍ୟ ମିଟିଙ୍ଗ୍ ଗୁଡ଼ିକ ପୁରୁଣା କର୍ପୋରେସନ୍ ମିଟିଙ୍ଗ୍ ଗୃହରେ କରାଯାଉ ।

ନିର୍ଦ୍ଧାରଣ-୬(୧୦).ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

**ପ୍ରସ୍ତାବ-୭. ତା ୨୦.୦୨.୨୦୨୩ ରିଖ କର୍ପୋରେସନ ବୈଠକରେ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ଉପରେ ଆଲୋଚନା ଓ ନିଷ୍ପତି ନିମନ୍ତେ :-**

**ପ୍ରସ୍ତାବ-୭(୧).** ଭୁବନେଶ୍ୱର ମହାନଗର ନିଗମ, ପୂର୍ବରୁ ବିଭିନ୍ନ ପ୍ରକଳ୍ପ ପାଇଁ ମୁଖ୍ୟତଃ କଂସେଇଖାନା, ୱାଟରବଡ଼ି, ମିଟ୍ ମାର୍କେଟ୍, ୱେଟ୍ ମାର୍କେଟ୍, ଷ୍ଟ୍ରିଟ୍ ଲାଇଟ୍ ପ୍ରକଳ୍ପ ପାଇଁ OUIDF ଠାରୁ ଆଣିଥିବା ଋଣ ଯଦି ଠିକ୍ ସମୟରେ ଅର୍ଥ ପଇଠ କରାଯାଏ ତେବେ ୮.୫% ସୁଧରେ ଦେବାକୁ ପଡ଼ିଥାଏ ଅନ୍ୟଥା ୧ % ପେନାଲ୍‌ଟି ଦେବାକୁ ପଡ଼େ । (ପ୍ରକାଶ ଥାଉକି ବି.ଏମ୍.ସି କୁ କେବେ ବି ୧ % ପେନାଲ୍‌ଟି ଦେବାକୁ ପଡିନାହିଁ) ଏବେ OUIDF ଠାରୁ ୪ % ସୁଧରେ ଋଣ ଅଣାଯାଇଅଛି ଯଦି ଠିକ୍ ସମୟରେ ଅର୍ଥ ପଇଠ କରାଯିବା ବିଳମ୍ବ ହେଲେ ଆଉ ୧% ଅର୍ଥ ପେନାଲ୍‌ଟି ଦେବାକୁ ପଡ଼ିବ । OUIDF ରୁ ଆଣିଥିବା ମୋଟ ଋଣର ଭାର ଭୁବନେଶ୍ୱର ମହାନଗର ନିଗମ ଉପରେ ପଡୁଅଛି, ତେଣୁ ମୋଟ ପୂର୍ବଋଣ ହାର ୮.୫ % ରୁ ୪ % ପ୍ରତିଶତକୁ କମାଇବା ପାଇଁ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ମାଧ୍ୟମରେ OUIDF କୁ ଅନୁରୋଧ କରିବା ସମ୍ପର୍କରେ କର୍ପୋରେସନଙ୍କ ବିଚ୍ଛର :-

ନିର୍ଦ୍ଧାରଣ-୭(୧). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୮. ତା ୨୦.୦୨.୨୦୨୩ ରିଖ କର୍ପୋରେସନ ବୈଠକରେ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ଉପରେ ଆଲୋଚନା ଓ ସିଦ୍ଧାନ୍ତ :- (ସଭାପତିଙ୍କ ଅନୁମତି କ୍ରମେ)

ପ୍ରସ୍ତାବ-୮(୧). ଭୁବନେଶ୍ୱର ମହାନଗର ନିଗମ ୱାର୍ଡ଼ ନଂ-୯ ସ୍ଥିତ ମଣ୍ଡପ ବସ୍ତିରେ in-situ affordable Housing Project ନିର୍ମାଣ କରାଯାଉଅଛି, ଏଥିପାଇଁ OUHM ୧୬ କୋଟି ଟଙ୍କା ଦେଇଅଛି ଆଉ ୧୨ କୋଟି ଟଙ୍କା ନଦେବାରୁ କାର୍ଯ୍ୟ ଅଧା ହୋଇ ରହିଅଛି, କାର୍ଯ୍ୟ ସମ୍ପୂର୍ଣ୍ଣ ନ ହୋଇପାରିବାରୁ ସେଠାରେ ବସବାସ କରୁଥିବା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତେଣୁ ଉକ୍ତ ପ୍ରୋଜେକ୍ଟ ସମ୍ପୂର୍ଣ୍ଣ କରିବା ପାଇଁ ଆବଶ୍ୟକ ହେଉଥିବା ଅର୍ଥ ଦେବାପାଇଁ OUHM ଙ୍କୁ ଅନୁରୋଧ କରାଯାଉ ଏବଂ ଏହି ଅର୍ଥ ଆସିବା ପର୍ଯ୍ୟନ୍ତ ଭୁବନେଶ୍ୱର ମହାନଗର ନିଗମ ପାଣ୍ଠିରୁ ଖର୍ଚ୍ଚ କରାଯାଉ । OUHM ଅର୍ଥ ଆଣି ଉକ୍ତ ଅର୍ଥ ଭରଣା କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୧(୨) ତା ୧୪.୦୨.୨୦୨୩ ରିଖରେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରିଥିଲେ । ନଥି ନଂ- XXXXVI-(Ray)-39/13 ଟିପ୍ପଣୀ ପୃଷ୍ଠା- ୧ ରୁ ୩ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଉକ୍ତ ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ତିନି କୋଟି ଟଙ୍କା ଭୁବନେଶ୍ୱର ମହାନଗର ନିଗମ ପାଣ୍ଠିରୁ ଖର୍ଚ୍ଚ କରାଯାଇ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା ସହିତ ଉକ୍ତ ଅର୍ଥ OUHM ଙ୍କ ଠାରୁ ଆଣି ଭୁବନେଶ୍ୱର ମହାନଗର ନିଗମ ପାଣ୍ଠିରେ ଭରଣା କରାଯିବା ସମ୍ପର୍କରେ କର୍ପୋରେସନଙ୍କ ବିଚାର :-

ନିର୍ଦ୍ଧାରଣ-୮(୧). ଏ ପ୍ରସ୍ତାବ ଆଇନ୍ ଅନୁଯାୟୀ କାର୍ଯ୍ୟକାରୀ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୮(୨). Maa Mangala Paper & Magazine ଏବଂ କୁନଲତା ରାଉତ, ଏଜେନ୍ସି ବର୍ତମାନ ବି.ଏମ୍.ସି ଅଫିସ୍‌ରେ ମାନ୍ୟବର ମେୟର, ଡ଼େପୁଟି ମେୟର ଏବଂ କମିଶନର ଅଫିସ୍‌କୁ Newspaper ଯୋଗାଉଛନ୍ତି । କୁନଲତା ରାଉତ, ମାନ୍ୟବର ମେୟର ଏବଂ କମିଶନରଙ୍କର Residence Office କୁ Newspaper ଯୋଗାଉଛନ୍ତି ।

ଗତ କର୍ପୋରେସନର ନିର୍ଦ୍ଧାରଣ ସଂଖ୍ୟା-୮(୫) ତା ୨୮.୦୨.୨୦୧୮ ରିଖରେ Newspaper ର ଖର୍ଚ୍ଚ monthly ceiling ଟ ୬,୦୦୦/- ରଖାଯାଇଥିଲା । ବର୍ତମାନ paper ଏବଂ magazine ର ମୂଲ୍ୟ ଅହେତୁକ ବୃଦ୍ଧି ଘଟିଛି । ଏହି ୨ ଟି ଏଜେନ୍ସି ଟ ୬,୦୦୦/- ମାସିକରେ ବି.ଏମ୍.ସି କୁ paper and magazine ଯୋଗାଇବା ସମ୍ଭବପର ନୁହେଁ । ନଥି ନଂ- XXII (S)- misc-8/2022 (part) ଟିପ୍ପଣୀ-୩୩ ରୁ ୪୪ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଖବରକାଗଜ ଓ ମାଗାଜିନ୍‌ର ମାସିକ ଖର୍ଚ୍ଚ ଟ ୬,୦୦୦/- ରୁ ଟ ୧୦,୦୦୦/- (ଦଶ ହଜାର) କୁ ବୃଦ୍ଧି କରିବା ସମ୍ପର୍କରେ କର୍ପୋରେସନଙ୍କ ବିଚାର :-

ନିର୍ଦ୍ଧାରଣ-୮(୨). ଏ ପ୍ରସ୍ତାବ ଆଇନ୍ ଅନୁଯାୟୀ କାର୍ଯ୍ୟକାରୀ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୮(୩). ଭୁବନେଶ୍ୱର ମହାନଗର ନିଗମାଂଚଳ ୱାର୍ଡ଼ ନଂ-୪ ର ନିମ୍ନଲିଖିତ ଚାରି ଗୋଟି କାର୍ଯ୍ୟର ପାର୍ଶ୍ୱଲିଖିତ ଅଟକଳ ମତେ ରାଜ୍ୟ ସରକାରଙ୍କ ଅନୁଦାନ ଅର୍ଥ ପ୍ରତ୍ୟାଶାରେ କାର୍ଯ୍ୟ ସମ୍ପାଦନ କରିବା ସମ୍ପର୍କରେ କର୍ପୋରେସନଙ୍କ ବିଚାର :-

| କ୍ର.ନଂ | ନଥି ନଂ | କାର୍ଯ୍ୟର ନାମ | ଅଟକଳ ପରିମାଣ |
|---|---|---|---|
| 1. | XXIX-Div.-I-2333/2022 | Constn. of Road from Rudrapur canal bridge to muslim sahi chhak in Ward No.-4 | Rs.2,98,97,000/- |
| 2. | XXIX-Div.-I-2332/2022 | Constn. of road from old Jena Dhaba towards Jhalia Gada at Haridaspur in Ward No.-4 | Rs.2,98,64,000/- |

| | | | |
|---|---|---|---|
| 3 | XXIX-Div.-I-2334/2022 | Constn. of road from puri main canal Embankment (Badei Temple) to Jayadev College in Ward No.-4 | Rs.1,03,08,000/- |
| 4 | XXIX-Div.-I-2335/2022 | Constn. of road from Puri main canal (Jhalia Gada) to U.N Rath House & Maharatha Vidyapitha through Basua Chhak in Ward No.-4 | Rs.2,80,32,000/- |

ନିର୍ଦ୍ଧାରଣ-୮ (ଗ). ଏ ପ୍ରସ୍ତାବ ଆଇନ୍ ଅନୁଯାୟୀ କାର୍ଯ୍ୟକାରୀ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୦୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ବା/-ସୁଲୋଚନା ଦାସ
ସଭାପତି
ତା ୨୦.୦୨.୨୦୨୩ ରିଖ

କାଗଜ ସଂଖ୍ୟା ୨୮ ତା ୧୧.୨.୨୩ ରିଖ ୱାର୍ଡ ନମ୍ବର ୨୨, ମାନ୍ୟବର କର୍ପୋରେଟର ଶ୍ରୀ ନୃପେଣ କୁମାର ସାହୁଙ୍କ ଦ୍ୱାରା ଆଗତ ହୋଇଥିବା ହୋଲଡିଂ ଟ୍ୟାକ୍ସ ସମ୍ପର୍କୀତ ପ୍ରଶ୍ନର ଉତ୍ତର ।

ଅଭିଯୋଗ କଲ୍ୟାଣୀ ମାର୍ଚ୍ଚେଣ୍ଟ ବିଲ୍ଡର୍ସ ପ୍ରାଇଭେଟ୍ ଲିମିଟେଡ୍, ନାଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ରିଟ୍ ପିଟିସନ୍ ନଂ ୧୫୨୦/୨୦୧୨ ମାଧ୍ୟମରେ ଭୁବନେଶ୍ୱର ମହାନଗର ନିଗମଙ୍କ ଦ୍ୱାରା ସୁଧାରିତ ହୋଲଡିଂ ଟ୍ୟାକ୍ସ ବାବଦକୁ ଦାବୀ କରାଯାଇଥିବା ନୋଟିସ ଟିକୁ ରଦ୍ଦ କରିବା ନେଇ ଏକ ମାମଲା ଦାୟର କରିଥିଲେ । ସେ ଏହି ମାମଲାଟିରେ ପୂର୍ବ ନିର୍ଦ୍ଧାରିତ ହୋଲଡିଂ ଟ୍ୟାକ୍ସ ଗ୍ରହଣ କରିବା, ପୁନଶ୍ଚ ଲାଗୁ କରାଯାଇଥିବା ପରିବର୍ତ୍ତିତ ହୋଲଡିଂ ଟ୍ୟାକ୍ସ ଆଦେଶ/ନୋଟିସ୍ ଟିକୁ ରଦ୍ଦ କରିବା ଓ କେସ୍‌ଟିର ବିଚାର ଚାଲିଥିବା ବେଳେ କୌଣସି ଆକ୍ରମଣ ମୂଳକ ପଦକ୍ଷେପ ଗ୍ରହଣ ନକରିବାକୁ ପ୍ରାର୍ଥନା କରାଯାଇ ମାମଲାଟି ଦାୟର କରିଥିଲେ । ଉକ୍ତ ମାମଲାଟିରେ ଭୁବନେଶ୍ୱର ମହାନଗର ନିଗମ ପ୍ରତିପକ୍ଷ ହୋଇ ଉତ୍ତର ଆକାରରେ ସତ୍ୟପାଠ ମଧ୍ୟ ଦାଖଲ କରିଥିଲେ । କିନ୍ତୁ ଉଭୟ ପକ୍ଷଙ୍କ ଯୁକ୍ତି ଗୁଡିକୁ ଶୁଣାଣି କରି ମାନ୍ୟବର ଉଚ୍ଚ ନ୍ୟାୟାଳୟ ତା ୨୫.୫.୨୦୨୧ ରିଖରେ ଜଜମେଣ୍ଟ ମାଧ୍ୟମରେ ଦର୍ଶାଇଥିଲେ କି ଓଡ଼ିଶା ମହାନଗର ନିଗମ ଅଧିନିୟମ ଅନ୍ତର୍ଗତ ଧାରା-୧୭୩ ଏବଂ ୧୭୫ ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମଙ୍କୁ ଟ୍ୟାକ୍ସ ବୃଦ୍ଧି କରିବା ନେଇ କୌଣସି କ୍ଷମତା ପ୍ରଦାନ କରିନାହିଁ କିମ୍ବା ଅଧିନିୟମଟି ଲାଗୁ ହେବା ପୂର୍ବରୁ ମଧ୍ୟ ହୋଲଡିଂ ଟ୍ୟାକ୍ସ ପରି ଏକ ଧାରଣା ଅଧିକ ବହଳ ନଥିବା ଦର୍ଶାଇଥିଲେ । ଶେଷରେ ମାମଲାଟି ଶୁଣାଣି କରି ପୂର୍ବ ନିର୍ଦ୍ଧାରିତ ହୋଲଡିଂ ଟ୍ୟାକ୍ସ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇ ମାମଲାଟିକୁ ଫଇସଲା କରିଥିଲେ ।

ଏଥିରୁ ଅବଗତ କରାଯାଏ ଯାହାକି ହୋଲଡିଂ ଟ୍ୟାକ୍ସ ବୃଦ୍ଧି କରିବା ନେଇ ମାନ୍ୟବର ମୁଖ୍ୟ ଶାସନ ସଚିବ, ଓଡ଼ିଶା ପ୍ରମୁଖ ଶାସନ ସଚିବ, ଗୃହ ଓ ନଗର ଉନ୍ନୟନ ବିଭାଗଙ୍କ ଠାରେ ପତ୍ର ସଂଖ୍ୟା ୨୨୨୨୮ ତା ୨୮.୧.୨୦୨୧ ରିଖ ଅନୁଯାୟୀ ପତ୍ର ଦେଇ ଓଡ଼ିଶା ମହାନଗର ନିଗମ ଅଧିନିୟମ ଧାରା-୧୭୨, ୨୧୦, ୨୧୫, ୨୧୮, ୧୭୩ ଓ ୧୭୫ ରେ ଆବଶ୍ୟକୀୟ ସଂଶୋଧନ ନିମନ୍ତେ ଜଣାଇ ଥିଲେ, ଏହା ବିଭାଗଙ୍କ ନିକଟରେ ବିଚାରାଧୀନ ଅଛି ।

ପରବର୍ତ୍ତୀ ପଦକ୍ଷେପ ନେଇ ଗୃହ ଓ ନଗର ଉନ୍ନୟନ ବିଭାଗଙ୍କ ପତ୍ର ସଂଖ୍ୟା ୧୧୨୦୫/HUD ତା ୨୯.୦୯.୨୦୨୧ ଅନୁଯାୟୀ ମାନ୍ୟବର ଉଚ୍ଚତମ ନ୍ୟାୟାଳୟରେ WP(C) ୧୫୨୦/୨୦୧୨ ଉଚ୍ଚ ନ୍ୟାୟାଳୟ ପ୍ରଦାନ କରିଥିବା ରାୟ ବିରୁଦ୍ଧରେ ସ୍ପେଶାଲ ଲିଭ୍ ପିଟିସନ (SLP) ଦାଏର କରିବାକୁ ଭୁବନେଶ୍ୱର ମହାନଗର ନିଗମଙ୍କୁ ପ୍ରାଧିକୃତ କରି ନିର୍ଦ୍ଦେଶ

ଯାଇଥିଲେ । ତତ୍ପରେ ଭୁବନେଶ୍ୱର ମହାନଗର ନିଗମ SLP ନଂ. 19284/2022 ସୁପ୍ରିମ କୋର୍ଟରେ କେସ ଦାଏର କରିଥିଲେ । ସୁପ୍ରିମ କୋର୍ଟ ପୂର୍ବ କୋର୍ଟଙ୍କ ଦ୍ୱାରା ପ୍ରଦତ୍ତ ରାୟକୁ ବାହାଲ ରଖି ତା 7.11.2022 ରିଖ ନିମ୍ନ ଲିଖିତ ଆଦେଶ ଦେଇ ମାମଲାଟିକୁ ଖାରଜ କରିଥିଲେ ।

" Section 693 and 694 shall not help the Corporation in revising the existing rates it may be true that if there is a power to revise it. However in the same time the same can not be revised without following due procedure of law, more particularly, considering section 146. Nothing is on the record that any procedure was followed while revising the Holding Tax.

However it goes without saying that it is always open for the Petitioner/ Corporation to revise the Holding Tax after following due procedure as required."

ଏଠାରେ ଉଲ୍ଲେଖ କରାଯାଇ ପାରେ କି ଭୁବନେଶ୍ୱର ମହାନଗର ନିଗମଙ୍କ ତରଫରୁ ଉକ୍ତ କେସ ଖର୍ଚ୍ଚ ବାବଦକୁ ହାଇକୋର୍ଟରେ ମାମଲା ପରିଚାଳନା କରୁଥିବା ବେଳେ ଶ୍ରୀମତୀ ମୃଣାଳିନୀ ପାଢ଼ୀଙ୍କୁ ଫିସ୍ ବାବଦରେ ୪୦ ହଜାର ଟଙ୍କା ଓ ସୁପ୍ରିମ କୋର୍ଟରେ କେସ ପରିଚାଳନା ପାଇଁ ସାଢ଼େ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲା ।

ବର୍ତ୍ତମାନ ଉକ୍ତ ମାମଲାରେ ମାନ୍ୟବର ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ପ୍ରାପ୍ତି ପରେ ବରିଷ୍ଠ ଆଇନଜୀବୀ ତଥା ଭୁବନେଶ୍ୱର ମହାନଗର ନିଗମଙ୍କ ଦ୍ୱାରା ନିଯୁକ୍ତ ଆଇନ ପରାମର୍ଶଦାତା ଶ୍ରୀ ପ୍ରଦୀପ୍ତ କୁମାର ମହାନ୍ତିଙ୍କ ଠାରୁ ଟିକସ ବୃଦ୍ଧି ପାଇଁ ପରବର୍ତ୍ତୀ ପଦକ୍ଷେପ ନେବାକୁ ମତାମତ ଲୋଡ଼ାଯାଇ ଥିଲା ଏବଂ ସେ ମଧ୍ୟ ତାଙ୍କର ମତାମତ ପ୍ରଦାନ କରିଛନ୍ତି । ଏହି ମତାମତକୁ ଆଧାର କରି ଓଡ଼ିଶା ମହାନଗର ନିଗମ ଓ ବିଭିନ୍ନ ସହରାଞ୍ଚଳ ଅଞ୍ଚଳ ଗୁଡ଼ିକରେ ଅଧିବାସୀଙ୍କୁ ସମ୍ବୋଧନ କରିବା ପୂର୍ବରୁ ଓ ନଗର ଉନ୍ନୟନ ବିଭାଗଙ୍କୁ ଅନୁରୋଧ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସ୍ଥିର କରାଯାଇଛି ଓ ଏଥିପାଇଁ ଖୁବ୍ ଶୀଘ୍ର ପଦକ୍ଷେପ ନିଆଯିବ ।

ଉପ ଆୟୁକ୍ତ (ବିଧି)
ଭୁ.ମ.ନ., ଭୁବନେଶ୍ୱର ।

9(ee)

# TENDER STATUS OF WARD BUDGET 2022-23, BMC DIVISION-1(31 Wards)

## ABSTRACT

| | | |
|---|---|---|
| 1 | Total Projects sanctioned | 125 |
| 2 | Total Tender invited- | 123 |
| 3 | Work order issued | 88 |
| 4 | Send to Contracts committee (Joint visit conducted) | 23 |
| 5 | Tender process (Negotiation, te-tender,APSD, revised proposal etc | 13 |
| 6 | Cancelled Project due to JICA constructed the work | 1 |
| | Total | 125 |

17.2.23

Executive Engineer
BMC Division-1

17.2.23